

ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନ କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।
- କାର୍ଲାଇଲ

## ସଂକ୍ଷେପରେ



### ଦିବ୍ୟଜୀବନସଂଘ ପକ୍ଷରୁ ଯାତ୍ରୀଙ୍କୁ ସର୍ବତ ବଣ୍ଟନ

ସୁନ୍ଦରଗଡ଼, ୧୯।୫ (ଡି.ଏନ୍.ଏ) ପ୍ରଚଣ୍ଡ ଖରା, ଅସହ୍ୟ ଗରମ ଗୁଳୁଗୁଳି ଯୋଗୁ ଜୀବନଯାତ୍ରା ଅତିଷ୍ଠ ହୋଇପଡିଛି। ଏହାକୁ ଆଖି ଆଗରେ ରଖି ରବିବାର ଦିବ୍ୟଜୀବନ ସଂଘ ପକ୍ଷରୁ ସ୍ଥାନୀୟ ଲୁହୁରାଡାପାସ୍ଥିତ ନୂଆଁବସଷ୍ଟାଣ୍ଡରେ ଯାତ୍ରୀ ଓ ପଥଚାରୀଙ୍କୁ ଦହିପଣା ସର୍ବତ ବଣ୍ଟନ କରାଯାଇଛି। ସୁନ୍ଦରଗଡ ପବ୍ଲିକ ସ୍କୁଲର ଶିକ୍ଷକ ଅଶୋକ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଦିବ୍ୟଜୀବନ ସଂଘ, ଶିବାନନ୍ଦ ଯୁବକେନ୍ଦ୍ର ତରଫରୁ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ଅପହରଣ ପରେ ନାବାଳିକାଙ୍କୁ ପୁଣି ଘରେ ଛାଡିଦେଲେ ଯୁବକ

ରାଉରକେଲା ଅଫିସ,୧୯।୫ ରାଉରକେଲା ସେକ୍ଟର-୧୬ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ପୁଣି ତାଙ୍କୁ ଯୁବକ ଜଣକ ନେଇ ଘରେ ଛାଡି ଦେଇଛନ୍ତି। ତାଙ୍କୁ ଶନିବାର ରାତିରେ ଜୋର ଜବରଦସ୍ତ ଅପହରଣ କରି କୁଆଁରମୁଣ୍ଡା ନେଇଯାଇଥିବା ଯୁବକ ଜଣକ ରବିବାର ସକାଳୁ ପୁଣି ଆଣି ଘରେ ଛାଡି ଦେଇଛନ୍ତି। ଅଭିଯୋଗ ପରେ ଏ ନେଇ ସେକ୍ଟର-୧୫ ଥାନାରେ ଏକ ମାମଲା (ନଂ.୨୮/୧୯) ରୁଜୁ କରାଯାଇଛି। ଛାତ୍ରୀ ଜଣଙ୍କୁ ସମ୍ପୃକ୍ତ ଯୁବକ ହଇରାଣ ହରକତ କରି ଆସୁଥିବା ଅଭିଯୋଗ ହୋଇଛି।

କୋଇଡ଼ା ଖଣି ନିର୍ଦ୍ଦେଶାଳୟର ଲକ୍ଷ୍ୟ ଧାର୍ଯ୍ୟଠାରୁ ଅଧିକ ରାଜସ୍ୱ ଆଦାୟ

# କୋଇଡ଼ାବାସୀ ମୌଳିକ ସେବାରୁ ବଞ୍ଚିତ

ସମୀର କୁମାର ପାଢୀ
ଟେନ୍ସା, ୧୯।୫ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ୨୦୧୮-୧୯ ବର୍ଷରେ ଲକ୍ଷ୍ୟ ଧାର୍ଯ୍ୟ ୧୦୨୦ କୋଟି ଥିବାବେଳେ ମୋଟ ୧୬୯୯ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଲକ୍ଷ୍ୟ ଧାର୍ଯ୍ୟଠାରୁ ଅଧିକ ୬୭୯ କୋଟି ଟଙ୍କା ଅଧିକ ଆଦାୟ ହୋଇଛି। ସେହିପରି ଅଧିକ ପରିମାଣରେ ମଧ୍ୟ ଜିଲା ଖଣିଜ ପାଣ୍ଠିରେ ୫୧୧ କୋଟି ଟଙ୍କା ଡିପୋଜିଟ ହୋଇଛି। ଏଥିପାଇଁ ରାଜ୍ୟ ଖଣି ନିର୍ଦ୍ଦେଶକ, ଜିଲା ପ୍ରଶାସନ କୋଇଡା ଖଣି ଉପନିର୍ଦ୍ଦେଶକ ଶଲିଲି ବେହେରାଙ୍କୁ ସ୍ୱାଗତ କରାଯାଇଛି। କୋଇଡା ଖଣି ଅଞ୍ଚଳରୁ ଲକ୍ଷ୍ୟ ଧାର୍ଯ୍ୟଠାରୁ ଅଧିକ ରାଜସ୍ୱ ଆଦାୟ ହେଉଛି ସତ ହେଲେ କୋଇଡା ବ୍ଲକ ଅଞ୍ଚଳବାସୀ ସାଧାରଣ ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଆଦି ସବୁ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି। ଏଥିପ୍ରତି ବ୍ଲକ, ଜିଲା କି ରାଜ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଭାଗ୍ୟକୁ ଆଦରୀ ପଡିରହିଛନ୍ତି କୋଇଡାବାସୀ। କୋଇଡା ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତର ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାନୀୟ ଜଳ ପାଇଁ ଲୋକ ନାଳ, ଝରଣା ଉପରେ ନିର୍ଭର କରନ୍ତି।



କୋଇଡାରେ ରାସ୍ତା ଅବସ୍ଥା ଶୋଚନୀୟ।

ଗ୍ରୀଷ୍ମ ଦିନ ତାହା ମଧ୍ୟ ଶୁଖି ଯାଇଥାଏ। ଖଣି କର୍ତ୍ତୃପକ୍ଷମାନେ ଦୟାରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଦେଇଥାନ୍ତି। ତାହା ସମୁଦ୍ରକୁ ଶଙ୍ଖେ ଭଳି । ଯେଉଁଠି ପାଣି ମିଳେ ସେଠାରେ ଲୋକମାନେ ଲାଇନ ଧରି ପାଣି ଆଣିଥାନ୍ତି। କୋଇଡାରେ ଗୋଟିଏ ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଠାରେ ଡାକ୍ତର ନ ଥିବାବେଳେ ରୋଗୀମାନେ ବାହାରକୁ ଯାଉଛନ୍ତି। ଖଣି ବିଭାଗ ଅଧିକ ରାଜସ୍ୱ ଆଶାରେ ଜନସାଧାରଣ ସୁରକ୍ଷାକୁ ଆଖି ବୁଜି ଦେଇଛନ୍ତି। ଖଣି ଆଇନ ନିୟମ ଅନୁଯାୟୀ ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ଖଣିରୁ ଲୁହା ପଥର ପରିବହନ ହେବା କଥା । କିନ୍ତୁ କୋଇଡା ଖଣି ବିଭାଗ ଦିନ ରାତି ୨୪ ଘଣ୍ଟା ପରିବହନର ଅନୁମତି

■ ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଆଦି କ୍ଷେତ୍ରରେ ଅବହେଳିତ
■ ୧୫ ଗ୍ରାମ ପଞ୍ଚାୟତର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ

ଦେଇଥିବାରୁ ରାସ୍ତାଘାଟ ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହେଉଛି। ଅହରହ ଭାରିଯାନ ଡ଼ମ୍ପର ଟ୍ରକ ଚଳାଚଳ କରୁଥିବାରୁ ରାସ୍ତାଘାଟ ଭାଙ୍ଗି ଚୁରମାର ହେଉଛି। କୋଇଡା ଭାୟା ଟେନସା, ବରସୁଆଁ ହୋଇ ରାଜାମୁଣ୍ଡା ଓ କୋଇଡା ଭାୟା କାଲଟ, ବିମଳାଗଡ ହୋଇ ରାଜାମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ବିପଦପୂର୍ଣ୍ଣ ଅବସ୍ଥାରେ ପଡିରହିଛି। ରାସ୍ତାରେ ଆଣ୍ଠୁଏ ଲେଖାଏଁ ଖାଲଖମା ହୋଇ ଚାଲି କରିଯିବା ଅସମ୍ଭବ ହୋଇପଡିଛି। ରାସ୍ତା ଖରାପ ଯୋଗୁ ରାସ୍ତାରେ ଏତେ ମାତ୍ରାରେ ଧୂଳି ଉଡୁଛି ଯେ, ଆଗରୁ ପଛରୁ ଆସୁଥିବା ଗାଡିମୋଟର କିଛି ଦେଖାଯାଉ ନାହିଁ। ରାସ୍ତା କଡରେ ଥିବା ଗଛଗୁଡିକ ସବୁଜ ପରିବର୍ତ୍ତେ ଲାଲ ରଙ୍ଗ ଦେଖାଯାଉଛି। ଶିକ୍ଷା କଥା ନ କହିବା ଭଲ। ଅଧିକାଂଶ ବିଦ୍ୟାଳୟ ଶିକ୍ଷକ ନାହାନ୍ତି। ଘର ନାହିଁ। କେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ର ନ ଥିବା ବେଳେ ସେଠାରେ ଶିକ୍ଷକ ଅଛନ୍ତି। ଏଥିପ୍ରତି ଜିଲା ଶିକ୍ଷା ବିଭାଗ ଚୁପ ରହିଛି। କୋଇଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଏକ କସ୍ତୁରବା ବିଦ୍ୟାଳୟ ଓ ଆଶ୍ରମ ଥିବାବେଳେ ସେଠାରେ ରହୁଥିବା ଛାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ମଚାରୀମାନଙ୍କ ମଧ୍ୟରେ ଝଗଡା ଲାଗି ଛାତ୍ରୀମାନେ ହଷ୍ଟେଲ ଛାଡିବାକୁ ବାଧ ହେଉଛନ୍ତି। ଏସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଜଣାଯାଇଥିଲେ ମଧ କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଜିଲା ଖଣିଜ ପାଣ୍ଠିରେ ହଜାର ହଜାର କୋଟି ଟଙ୍କା ରହିଥିଲେ ମଧ ତାହା ଜିଲାରେ ଖର୍ଚ୍ଚ ହେଉ ନ ଥିବାର କୋଇଡାବାସୀ ଅଭିଯୋଗ କରିଛନ୍ତି। କୋଇଡାରୁ ଯେତିକି ରାଜସ୍ୱ ଯାଉଛି ସେଥିରୁ ଯଦି ପ୍ରତିବର୍ଷ ୫ ପ୍ରତିଶତ ଖର୍ଚ୍ଚ ହୁଅନ୍ତା ତାହା ହେଲେ କୋଇଡା ଅଞ୍ଚଳ ସୁନ୍ଦର ସବୁଜିମାରେ ଭରି ଉଠନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ବିଗତ ୧୫ ବର୍ଷ ତଳର ସୁନ୍ଦରଗଡ ସବୁଜ ସୁନ୍ଦର ପରିବେଶ ମଧ୍ୟରେ ଥିବା କୋଇଡା ଅଞ୍ଚଳ ଆଜି ଖଣି କର୍ତ୍ତୃପକ୍ଷ, ପ୍ରଶାସନ, ରାଜ୍ୟ ସରକାରଙ୍କ ପାଇଁ ଟାଙ୍ଗରା ମରୁଭୂମିରେ ପରିଣତ ହେବାକୁ ଯାଉଛି। ଖଣି ଖନନ ନାମରେ ହଜାର ହଜାର ସଂଖ୍ୟାରେ ଗଛକଟା ଚାଲିଛି। ନିୟମ ଅନୁଯାୟୀ ଖଣି କର୍ତ୍ତୃପକ୍ଷ ଗୋଟିଏ ଗଛ କାଟିଲେ ଦୁଇଟି ଗଛ ଲଗାଇବା କଥା ତାହା କୌଣସି ଖଣି କର୍ତ୍ତୃପକ୍ଷ ମାନୁନାହାନ୍ତି। ଅନ୍ୟ ପଟେ ଖଣିରୁ ବାହାରୁ ଥିବା ନାଳି ମାଟି ବର୍ଜ୍ୟବସ୍ତୁ ଜଙ୍ଗଲ ନିକଟରେ ପକାଇ ଜଙ୍ଗଲ ନଷ୍ଟ କରୁଛନ୍ତି। ଜଙ୍ଗଲ ବିଭାଗ ସବୁ ଜାଣି ମଧ୍ୟ ଅଜଣା ପରି ରହୁଛନ୍ତି। ଯାହା ପାଇଁ କୋଇଡା ଅଞ୍ଚଳବାସୀ ରାସ୍ତା ଉପରେ ବସି ଜନଆନ୍ଦୋଳନ କରିବାକୁ ଅଣ୍ଟା ଭିଡିଥିବାର ଜଣାପଡିଛି ।

ହସ୍ପିଟାଲ ଛକରୁ ଶଙ୍କରା ରାସ୍ତା:

## ଜଟିଳ ହେଉଛି ଟ୍ରାଫିକ ସମସ୍ୟା

ସୁନ୍ଦରଗଡ଼, ୧୯।୫ (ଡି.ଏନ୍.ଏ)

ସୁନ୍ଦରଗଡ ସହରର ପ୍ରମୁଖ ରାସ୍ତାଘାଟଗୁଡିକରେ ବେପାରୁଆ ଗାଡି ପାର୍କିଂ ଓ ବେପରୁଆ ଚାଳନା ଯୋଗୁ ଟ୍ରାଫିକସମସ୍ୟା ଜଟିଳ ହେବାରେ ଲାଗିଛି। ବିଶେଷକରି ସହରର ହସ୍ପିଟାଲ ଛକଠାରୁ ଶଙ୍କରା ରିଜର୍ଭ ପୋଲିସ ଲାଇନ ରାସ୍ତାରେ ଏହି ଟ୍ରାଫିକ ସମସ୍ୟା ଅଧିକ ପରିଲକ୍ଷିତ ହେଉଛି। ଶଙ୍କରା ନର୍ସିଂସ୍କୁଲ ଠାରୁ ଡାଏଟ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାବେଳେ ଶଙ୍କରାରେ ରାସ୍ତା ଉପରେ ଅଧିକାଂଶ ସମୟ ୪ଚକିଆ ଓ ୨ଚକିଆ ଆଦି ଗାଡି ମୋଟର ଗୁଡିକ ଦୀର୍ଘସମୟ ଧରି ପାର୍କିଂ କରାଇ ରହୁଛି। ଏଥିପ୍ରତି ପୋଲିସ -ପ୍ରଶାସନର ନିଘା ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିଯୋଗୁ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଛି । ବିଶେଷ କରି ଶଙ୍କରା ନିକଟରେ ଏନଟିପିସି ମେଡିକାଲ କଲେଜ ଓ ଡାକ୍ତରଖାନା ନିର୍ମାଣ ହେଉଥିବାରୁ ଏହାକୁ ଆଖି ଆଗରେ ରଖି ହସ୍ପିଟାଲ ଛକରୁ ଶଙ୍କରା ପର୍ଯ୍ୟନ୍ତ ଦୋକାନ ବଜାର ସଂଖା ମଧ୍ୟ ବଢିବାରେ ଲାଗିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ଥିବାରୁ ଏହି ରାସ୍ତାରେ ଯାନବାହନ ଚଳାଚଳ ସଂଖ୍ୟା ଅଧିକ ଦେଖିବାକୁ ମିଳିଥାଏ। ଏଣୁ ଏହି ରାସ୍ତାରେ ଟ୍ରାଫିକ ସମସ୍ୟାର ସମାଧାନ ଦିଗରେ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ସକାଶେ ଦାବି କରାଯାଇଛି।



ଜାଙ୍ଗଲୀ ଗାଁରୁ ଉଦ୍ଧାର ନାଗସାପକୁ ଜଙ୍ଗଲରେ ଛଡ଼ା ଯାଉଛି।

## ବନ କର୍ମଚାରୀଙ୍କ ଦ୍ୱାରା ନାଗସାପ ଉଦ୍ଧାର

ବଡଗାଁ,୧୯।୫ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ଜାଙ୍ଗଲୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଥିବା ଏକ ୫ଫୁଟର ନାଗ ସାପକୁ ବନ କର୍ମଚାରୀ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି। ଶୁକ୍ରବାର ଜାଙ୍ଗଲୀ ଗ୍ରାମର ହରେକୃଷ୍ଣ ସାହୁ (ମୁନୁ)ଙ୍କ ଘରେ ନାଗସାପ ପଶିଥିବା ସୂଚନା ପାଇ ବନ କର୍ମଚାରୀ ଟିକନାଥ ମୁଣ୍ଡା, ହରିହର ସାହୁ, କ୍ଷୀରୋଦ ନାଏକ, ଅନିମେଶ ଷଡଙ୍ଗୀ, କିଶୋର ନାଗ, ଏସ ଟପ୍ପୋ ଘଟଣା ସ୍ଥଳରୁ ସାପକୁ ଉଦ୍ଧାର କରିଥିଲେ ।



ବୀରମିତ୍ରପୁର ପୋଲିସ ପକ୍ଷରୁ ସରବତ ବଣ୍ଟନ କେନ୍ଦ୍ରର ଶୁଭାରମ୍ଭ କରାଯାଉଛି।

## ଟିମନାର ଚନ୍ଦନଯାତ୍ରା: ୩୧ ବୟୋଜ୍ୟେଷ୍ଠ ସମ୍ବର୍ଦ୍ଧିତ

ବଡ଼ଗାଁ,୧୯।୫ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ଟିମନା ଗ୍ରାମରେ ଶନିବାର ରାତିରେ ଚନ୍ଦନ ଯାତ୍ରା ହର୍ଷ ଉଲ୍ଲାସରେ ପାଳିତ ହୋଇଛି। ସନ୍ଧ୍ୟା ୬ରୁ ରାତି ୯ ପର୍ଯ୍ୟନ୍ତ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସହ ଖୋଳ, ମୃଦଙ୍ଗ ବଜାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଦୁଇଜଣ କୁନି ଝିଅ ରାଧା, କୃଷ୍ଣ ବେଶରେ ଗ୍ରାମବାସୀଙ୍କ ସହିତ ପରିକ୍ରମା କରିଥିଲେ। ରାଧାକୃଷ୍ଣ ପ୍ରତିମା ମଣ୍ଡପରେ ବିଜେ କରାଇଲା ପରେ ବିଶେଷ ପୂଜା ହୋଇଥିଲା। ଏହା ପରେ ବିଭୀଷଣ ବାରିକ ଓ ଲୋକନାଥ ପ୍ରଧାନଙ୍କ ଆବାହକତ୍ୱରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ୪୮ବର୍ଷ ହେଲା ଗ୍ରାମର ଚନ୍ଦନ ଯାତ୍ରା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ୩୧ ଜଣ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭା ଆରମ୍ଭରେ ମଦନ ବାରିକ ଓ କରୁଣାକର ପ୍ରଧାନ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଲୋକନାଥ ପ୍ରଧାନ ସ୍ୱାଗତ ଭାଷଣ ଦେଇ ଚନ୍ଦନଯାତ୍ରାର ମହନୀୟ ଉଦ୍ଦେଶ୍ୟ ଉପରେ କହିଥିଲେ। ସମ୍ବର୍ଦ୍ଧନା ସଭାର ସଭାପତି ସୁରତ ରାମ ନାଏକ ଯାତ୍ରାର ସଫଳ ଆୟୋଜନ ପାଇଁ ଗ୍ରାମବାସୀଙ୍କୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ମଦନ ବାରିକ, କରୁଣାକର ପ୍ରଧାନ, ରବି ପ୍ରଧାନ, ହର ବିଶ୍ୱାଳ, ରୋହିତ ବିଶ୍ୱାଳ, ଲମ୍ୱୋଦର ଖମାରୀ, ସୁରତରାମ ନାଏକ, ସୂର୍ଯ୍ୟମଣୀ ବାରିକ, ଯୁଗେଶ୍ୱର ପ୍ରଧାନ, ମଧୁସୂଦନ ବାରିକ, ପ୍ରଭା କିଷାନ, ସମରା ଭୁକ୍ତା, ବୁଧୁ କିଷାନ, ଦୂର୍ଯ୍ୟୋଧନ ପ୍ରଧାନ, ବୈରାଗୀ ପ୍ରଧାନ, ପ୍ରଦୀପ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ପ୍ରଫୁଲ୍ଲ ଖମାରୀ, ଶିବ ଖମାରୀ, କୁଜୁରୁ ନାଏକ, ଚନ୍ଦ୍ରମଣୀ ବାରିକଙ୍କୁ ଯାତ୍ରା ପରିଚାଳନାରେ ଦୀର୍ଘବର୍ଷର ଅବଦାନ ପାଇଁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯାତ୍ରା କମିଟିର ଗଜପତି ବିଶ୍ୱାଳ, ଶିବ ଶଙ୍କର ନାଏକ, ସୁରେନ୍ଦ୍ର ବିଶ୍ୱାଳ, ଜିତେନ ଖମାରୀ, ପଙ୍କଜ ପ୍ରଧାନ, ଶୁଶିଲ ବିଶ୍ୱାଳ, ଭିଷ୍ମଦେବ ଖମାରୀ, ଅନାମ ପ୍ରଧାନ, ଉମାକାନ୍ତ ପ୍ରଧାନ, ମହେନ୍ଦ୍ର ଲାକଡା, ସୁମନ୍ତ ଖମାରୀ, ଅକ୍ଷୟ ଭୋଇ, ଦେବାଶିଷ ଖମାରୀ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।



ବୟୋଜ୍ୟେଷ୍ଠ ଯାତ୍ରା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା।

## ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍ୟାପିତ

ଲହୁଣୀପଡା, ୧୯।୫ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁର ଗ୍ରାମରେ ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଘଟ ସ୍ଥାପନ ଓ ଅଧିବାସ କରାଯାଇଥିବାବେଳେ ଶନିବାର ଯଜ୍ଞ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ଏହି ନାମ ସଂକୀର୍ତ୍ତନରେ ବଣାଇ, ଶିହିଡିହା, ଗଦାପାଲି, ହାତୀବାହାଲ, ଗୋପନା, ମହୁଲଡିହା, ତଳିତା, ଗମଲେଇ ପ୍ରଭୃତି ଗ୍ରାମର କୀର୍ତ୍ତନ ଦଳ ଯୋଗଦେଇଥିଲେ। ଦୈତାରୀ ମାହାନ୍ତ ଓ ତାଙ୍କ ସହଧର୍ମିଣୀ ସରସ୍ୱତୀ ମାହାନ୍ତ କର୍ତ୍ତା ଦାୟୀତ୍ୱ ତୁଲାଇଥିଲା ବେଳେ କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଯଜ୍ଞ ସଂଚାଳନ କରିଥିଲେ । ରବିବାର ପୂର୍ଣ୍ଣାହୁତୀ ସହ ନଗର କୀର୍ତ୍ତନ କରାଯାଇଥିଲା। ସୁମନ୍ତ ସାହୁ, ତିଳେଶ୍ୱର ମାହାନ୍ତ, କୁଞ୍ଜ ବିହାରୀ ମାହାନ୍ତ, ଦୁର୍ଯ୍ୟୋଧନ ମହାକୁଳ, ରାଜକିଶୋର ମାହାନ୍ତ, ହରିହର ମାହାନ୍ତ, ଯତିନ ସେଠ, ଅଜୟ ମହାକୁଳଙ୍କ ତତ୍ତ୍ୱାବଧାନରେ ତଥା ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

## ବୀରମିତ୍ରପୁର ପୋଲିସ ପକ୍ଷରୁ ସରବତ ବଣ୍ଟନ

କୁଆଁରମୁଣ୍ଡା, ୧୯।୫(ଡି.ଏନ.ଏ.)

ଏବେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ସମଗ୍ର ରାଜ୍ୟର ତାପମାତ୍ରା ଅହେତୁକଭାବେ ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ପାହାଡ଼ିଆ ସୁନ୍ଦରଗଡ଼ ଜିଲାର ତାପମାତ୍ରା ଗତ ଏକ ସପ୍ତାହ ଧରି ପ୍ରାୟ ୪୧ ଡିଗ୍ରୀ ଉପରେ ରହୁଛି। ଏଣୁ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସହର, ବଜାର ଶୂନଶାନ୍ ହୋଇପଡୁଛି। ଏହି ସମୟରେ ପଥଚାରୀ, ବାଇକ୍ ଆରୋହୀଙ୍କ ଶୋଷ ନିବାରଣ ନିମନ୍ତେ ବୀରମିତ୍ରପୁରଠାରେ ସ୍ଥାନୀୟ ପୋଲିସ ପକ୍ଷରୁ ଏକ ସରବତ୍ ବଣ୍ଟନ କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଛି। ବୀରମିତ୍ରପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାତ୍ର ଓ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ଏହି ସରବତ୍ ବଣ୍ଟନ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ପଥଚାରୀମାନଙ୍କୁ ଦହି ସରବତ୍ ବଣ୍ଟନ କରାଯାଇଛି। ଆଗାମୀ ଖରା ତାତିକୁ ଦୃଷ୍ଟିରେ ରଖି ବୀରମିତ୍ରପୁର ପୌରାଞ୍ଚଳରେ ଆଗାମୀ କିଛି ଦିନ ପାଇଁ ଏହି ସରବତ୍ ବଣ୍ଟନ କେନ୍ଦ୍ର ଚାଲୁ ରହିବ ବୋଲି ବୀରମିତ୍ରପୁର ଆଇଆଇସି ମାଝି ସୂଚନା ଦେଇଛନ୍ତି। ବୀରମିତ୍ରପୁର ଥାନାର ସମସ୍ତ ପୋଲିସ କର୍ମଚାରୀ ଏହି କାର୍ଯ୍ୟରେ ଉପସ୍ଥିତ ରହିଥିଲେ।

ଦୁର୍ଘଟଣାରେ ଟ୍ରାକ୍ଟର ପୋଡି ଘଟଣା

## ୧୩ ଜଣଙ୍କ ନାମରେ ମାମଲା ରୁଜୁ

ହେମଗିର,୧୯।୫ (ଡି.ଏନ.ଏ)

ଗତ ୧୭ ତାରିଖ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ବିଲେଇମୁଣ୍ଡା ଗ୍ରାମର ନୂଆଁମୁଣ୍ଡାଠାରେ ମୁଣ୍ଡେର କ୍ଷେତ ଗ୍ରାମର ରମେଶ ଖମାରୀ (୧୮)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଟ୍ରାକ୍ଟର ନଂ. ସିଜି ୧୩ ୟୁଜି- ୬୦୨୦ ରମେଶଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗାଡି ତଳେ ପଡିଯିବାରୁ ତାଙ୍କ ମୁଣ୍ଡ ଉପରେ ଟ୍ରାକ୍ଟର ଚକ ଚଢ଼ିଯାଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏପରି ଘଟଣା ଘଟିଯିବା ପରେ ମଧ ଲୋକେ ଅଟକାଇବା ସତ୍ତ୍ୱେ ମଧ ଦ୍ରୁତ ଗତିରେ ଲୁଆବାହାଲକୁ ଚାଲିଯାଇଥିଲା। କାରଣ ଟ୍ରାକ୍ଟରରେ ବେଆଇନ ନାଲିଇଟା ବୋଝେଇ ହୋଇଯାଉଥିଲା। ଟ୍ରାକ୍ଟର ଲୁଆବାହାଲରେ ପହଞ୍ଚିବା କ୍ଷଣି ଇଟା ସବୁ ଢ଼ାଳିଦେଇ ଖାଲି ଟ୍ରାକ୍ଟରକୁ ଅନ୍ୟତ୍ର ଥୋଇ ଡ୍ରାଇଭର ହେମନ୍ତ ଦେହୁରୀ କୁଆଡେ ଫେରାର ହୋଇଯାଇଥିଲେ। ଏହି ବେଆଇନ ନାଲି ଇଟା ଭୋଗରାକଛାରର ବେଆଇନ ଇଟାଭାଟିରୁ ଆସୁଥିବା ବେଳେ ଡ୍ରାଇଭର ହେମନ୍ତ ଦେହୁରୀଙ୍କ ମଧ କୌଣସି ଚାଳକ ପ୍ରମାଣପତ୍ର ନାହିଁ। ତେଣୁ ଏହି ସବୁ ଦୃଷ୍ଟିରୁ ଅଧିକାଂଶ ଦିନ ହେମନ୍ତ ଇଟା ନେବା ଆଣିବା ସମୟରେ ଗାଡି କ୍ଷମତାଠାରୁ ଅଧିକ ବେଗରେ ସେ ରାସ୍ତାରେ ନେଇଥିବା ଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଦ୍ରୁତଗତି ପାଇଁ ଦୁର୍ଘଟଣା ଘଟିଛି । ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଲୁଆବାହାଲରେ ଠିଆ ହୋଇଥିବାର ଦେଖି ତାକୁ ଘଟଣାସ୍ଥଳକୁ ଆଣିଥିଲେ। ପରେ କେହି ଟ୍ରାକ୍ଟରରେ ନିଆଁ ଲଗାଇଥିବା ଯୋଗୁ ତାହା କିଛି ଅଂଶ ପୋଡିଯାଇଛି। ଏନେଇ ଟ୍ରାକ୍ଟର ମାଲିକ ଛତିଶଗଡ ରାଜ୍ୟର ରାୟଗଡ ଜିଲା ଅନ୍ତର୍ଗତ ତମନାର ଥାନାର କରଳାପାଲି ଗ୍ରାମର ରୁକ୍ମଣ ବେହେରା (୫୫) ୧୩ ଜଣଙ୍କ ନାମରେ ହେମଗିର ଥାନାରେ ଗତ ୧୮ରେ ଏତଲା ଦେଇଥିଲେ। ସେମାନେ ହେଲେ ମୁଣ୍ଡରକ୍ଷେତ ଗ୍ରାମର ପଞ୍ଚାନନ କୁଅଁର, ରାମ ସା, ଲକ୍ଷ୍ମଣ ସା, ସମିତ ପଧାନ, ମୋହନ ଖମାରୀ, କୃଷ୍ଣ ଖମାରୀ, ତପନ ଖମାରୀ, ଥବୁ ପଧାନ, ଅଜୟ ଖମାରୀ, ମନୋଜ ଖମାରୀ, ସନ୍ୟାସୀ ଖମାରୀ, ସରୋଜ ଖମାରୀ ଓ ଦୀପକ ଖମାରୀ । ଏମାନଙ୍କ ନାମରେ ହେମଗିର ଥାନାରେ ଏକ ମାମଲା ( ନଂ. ୬୩/୧୯) ରୁଜୁ କରାଯାଇ ଆଇପିସି ଧାରା ୧୪୭/୧୪୮ / ୧୯୪/ ୩୨୩/ ୪୩୫/ ୫୦୬ /୪୨୭/ ୧୪୯ ଲଗାଯାଇ ଅନୁସନ୍ଧାନ ଜାରି ରହିଛି ।

## ବାହାବା ନେବା ପାଇଁ ଖୋଲୁଛନ୍ତି ଜଳଛତ୍ର

କୁତ୍ରା, ୧୯।୫ (ଡି.ଏନ.ଏ)

କୁତ୍ରା ବ୍ଲକ ଅନ୍ତର୍ଗତ କୁତ୍ରା ବସଷ୍ଟାଣ୍ଡଠାରେ ଜେଏସଡବ୍ଲୁ ସିମେଣ୍ଟ କାରଖାନା ପକ୍ଷରୁ ଖୋଲା ଯାଇଛି ଜଳଛତ୍ର। ହେଲେ ପିଇବା ପାଣି ରହୁ ନ ଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡାଠାରେ ଥିବା ସିମେଣ୍ଟ କାରଖାନା ପକ୍ଷରୁ କୁତ୍ରାରୁ ରାଉରକେଲା ଯିବା ବସଷ୍ଟାଣ୍ଡଠାରେ ଯାତ୍ରୀ ଓ ପଥଚାରୀଙ୍କୁ ପିଇବା ପାଣି ଯୋଗାଇ ଦେବା ପାଇଁ ଏକ ଜଳଛତ୍ର ଖୋଲାଯାଇଛି। ଏହି ଜଳଛତ୍ର କେନ୍ଦ୍ରରେ ଜେଏସଡବ୍ଲୁର ବେନର ମଧ ମରାଯାଇଛି । ହେଲେ ଏହି କେନ୍ଦ୍ରରେ ପାଣି ରହୁନଥିବାରୁ ବସ ଯାତ୍ରୀ ଓ ପଥଚାରୀଙ୍କୁ ପାଣି ମୁନ୍ଦାଏ ପାଇଁ ଡହଳ ବିକଳ ହେବାକୁ ପଡୁଥିବା ଅଭିଯୋଗ ହେଉଛି । ରବିବାର କୁତ୍ରା ଧରିତ୍ରୀ ପ୍ରତିନିଧି ଅଭିଯୋଗ ପାଇବା ପରେ ବେନର ଲଗାଯାଇ ଖୋଲାଯାଇଥିବା ଜଳଛତ୍ରକୁ ଯାଇଦେଖିଲା ବେଳକୁ ସେଠାରେ ରଖାଯାଇଥିବା ମାଠିଆ ଗୁଡିକରେ ପାଣି ନ ଥିଲା। ସେଠାରେ ଯାତ୍ରୀଙ୍କୁ ପାଣି ଯୋଗାଇ ଦେବା ପାଇଁ କୌଣସି ଲୋକ ମଧ ନ ଥିବା ଦେଖିବାକୁ ପାଇଥିଲେ । ଏବେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁ ଯାଇଥିବାରୁ କୁତ୍ରା ଅଞ୍ଚଳରେ ପ୍ରଚଣ୍ଡ ଖରା ହେଉଛି। ଲୋକେ ପାଣି ମୁନ୍ଦାଏ ପାଇଁ ଡହଳବିକଳ ହେଉଥିବା ଦେଖିବାକୁ ମିଳୁଛି। ଜେଏସଡବ୍ଲୁ ସିମେଣ୍ଟ କାରଖାନା ଦ୍ୱାରା କରାଯାଇଥିବା ଜଳଛତ୍ର ପ୍ରଶଂସନୀୟ ହୋଇଥିବା ବେଳେ ଏହି ଜଳଛତ୍ର କେନ୍ଦ୍ରରେ ଦିନ ତମାମ ପାଣି ଯୋଗାଇଦେବା ପାଇଁ କୌଣସି ଲୋକ ରହୁ ନ ଥିବା ତଥା ମାଠିଆରେ ପାଣି ରହୁ ନ ଥିବାରୁ କମ୍ପାନୀ ବ୍ୟାନର ମାରି ବାହାବାହା ନେବା ପାଇଁ ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି। ଯଦି କମ୍ପାନୀ ସତରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଚାହୁଁଛି, ତାହେଲେ ଏହି ଜଳଛତ୍ରରେ ଜଣେ ଲୋକଙ୍କୁ ନିଯୁକ୍ତି କରି ଦିନ ତମାମ ପଥଚାରୀ ଓ ବସ ଯାତ୍ରୀଙ୍କୁ ପିଇବା ପାଣି ଯୋଗାଇଦେବା ଦିଗରେ ପଦକ୍ଷେପ ନେଉ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

**ରହୁନି ପାଣି, ଲୋକେ ହନ୍ତସନ୍ତ**



ଜଳଛତ୍ରରେ ଖାଲି ମାଠିଆ ରହିଛି।



“ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ବନଖଣ୍ଡ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ଶିବିର

ଧମା,୧୯।୫(ଡି.ଏନ୍.ଏ.)- ସ୍ଥାନୀୟ ବନଖଣ୍ଡ କାର୍ଯ୍ୟାଳୟରେ ରବିବାର ସମ୍ବଲପୁର ଖଣ୍ଡୀୟ ପରିଚାଳନା ସଂସ୍ଥା ପକ୍ଷରୁ ବନସୁରକ୍ଷା ସମିତି ସମ୍ପାଦକ ଓ ପ୍ରକଳ୍ପ କର୍ମଚାରୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଧମା ବନାଞ୍ଚଳ ଅଧିକାରୀ ବିଦ୍ୟାଧର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ବନଖଣ୍ଡ ଅଧିକାରୀ ଓ ସଞ୍ଜିତ କୁମାର, ଏସିଏଫ୍ ପଙ୍କଜ କୁମାର ପଣ୍ଡା, ପ୍ରୋବେଶନାରି ଡିଏଫ୍ଓ ଲକ୍ଷ୍ମଣ ମାରଣ୍ଡି ଓ ଲଳିତ କୁମାର ପାତ୍ର ଉପସ୍ଥିତ ରହି ବନସୁରକ୍ଷା ସମିତି ପାଇଁ ଚିହ୍ନିତ ଜଙ୍ଗଲ ସୀମା ସର୍ବେକ୍ଷଣ ଓ ନିର୍ଦ୍ଧାରଣ ଉପରେ ପ୍ରଶିକ୍ଷଣ ଦେଇଥିଲେ।

### ପ୍ରଧାନ ଶିକ୍ଷକଙ୍କ ପରଲୋକ

ସମ୍ବଲପୁର,୧୯।୫ (ବ୍ୟୁରୋ)- କୁଳତା ନୂଆଁପାଲି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଭୋଇଙ୍କ ରବିବାର ତାଙ୍କ ଅଇଁଠାପାଲି ଥାନା ସିଂପାଲିସ୍ଥିତ ବାସଭବନରେ ପରଲୋକ ହୋଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ମିତ୍ରଭାନୁ ଭୋଇ ମୁଖାଗ୍ନି ଦେଇଥିଲେ। ସିଆର୍‌ସିସି ଦୁର୍ଗା ପ୍ରାସାସ ସିଂ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମେହେର, ସ୍କୁଲ ପରିଚାଳନା କମିଟି ସଭାପତି ନେତ୍ରାନନ୍ଦ ପ୍ରଧାନଙ୍କ ସମେତ ବନ୍ଧୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ।

### ଶିଳାନ୍ୟାସକୁ ୫ ବର୍ଷ ବିତିଲା

# ସରୁନି ପାନୀୟ ଜଳ ପ୍ରକଳ୍ପ କାମ

ସମ୍ବଲପୁର,୧୯।୫ (ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତ ଜାମଟାଲ ଗ୍ରାମରେ ଜଳକଷ୍ଟ ଦେଖାଦେଇଛି। ପିଇବା ଓ ନିତ୍ୟକର୍ମ ପାଇଁ ଆବଶ୍ୟକ ପାଣି ମିଳୁ ନ ଥିବାରୁ ଲୋକେ ଡହଳବିକଳ ହେଉଛନ୍ତି। ଜାତୀୟ ରାଜପଥ ନିର୍ମାଣ ପାଣି ମାଟି ଉଠିବା ପରେ ସେଠାରେ ସୃଷ୍ଟି ହୋଇଥିବା ଏକ ପୋଖରୀ ପାଣିକୁ ଲୋକେ ନିତ୍ୟକର୍ମ ପାଇଁ ବ୍ୟବହାର କରୁଛନ୍ତି। ଗୋଟିଏ ପୋଖରୀରେ ଗ୍ରାମର ମହିଳା ଓ ପୁରୁଷ ଗାଧୋଉଛନ୍ତି।

ଓରାମପଡ଼ା, ମୁଣ୍ଡାପଡ଼ା, ରାଞ୍ଚିପଡ଼ାକୁ ନେଇ ଜାମଟାଲ ଗ୍ରାମ ଗଠିତ। ଏହାର ଲୋକସଂଖ୍ୟା ପ୍ରାୟ ୬ଶହ। ଗ୍ରାମବାସୀଙ୍କୁ ପାଣି ଯୋଗାଇଦେବା ପାଇଁ ୨୦୧୪ ନିର୍ବାଚନ ପୂର୍ବରୁ ଏଠାରେ ଏକ ଜଳ ଯୋଗାଣ ପ୍ରକଳ୍ପ ଶିଳାନ୍ୟାସ ହୋଇଥିଲା। ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କାମ ଶେଷ ହୋଇନାହିଁ। ବିଭାଗ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ପ୍ରକଳ୍ପ ଶେଷ କରିବା ଦିଗରେ ଗୁରୁତ୍ୱ ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଗ୍ରାମବାସୀ ପୋଖରୀରେ ଗାଧୋଉଛନ୍ତି।



ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ।

- ପାଣି ପାଇଁ ଲୋକେ ଡହଳବିକଳ
- ଖରାଦିନେ ନଳକୂପରୁ ବାହାରୁନି ପାଣି
- ଟ୍ୟାଙ୍କର ପାଣି ପଡୁଛି ନିଅଣ୍ଟ
- ନିତ୍ୟକର୍ମ ପାଇଁ ପୋଖରୀ ପାଣି ଭରସା

ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମରେ ୩ଟି ନଳକୂପ ରହିଛି। ହେଲେ ଖରାଦିନ ଜଳସ୍ତର କମିଯାଉଥିବାରୁ ସେଥିରୁ ପାଣି ବାହାରୁନାହିଁ। ବାଲଟିଏ ପାଣି ପାଇଁ ଦୀର୍ଘ ସମୟ କସରତ କରିବାକୁ ପଡୁଛି। ପଞ୍ଚାୟତ ପକ୍ଷରୁ ଦିନକୁ ଥରେ ଗୋଟିଏ ଟ୍ୟାଙ୍କର ଯୋଗେ ପାଣି ଦିଆଯାଏ। ହେଲେ ତାହା ଆବଶ୍ୟକତା ମେଣ୍ଟାଇବା ପାଇଁ ଯଥେଷ୍ଟ ନୁହେଁ। ରୋଷେଇ ଓ ପିଇବା ପାଇଁ ଏହି ପାଣିକୁ ଲୋକେ ବ୍ୟବହାର କରନ୍ତି। ରାସ୍ତା କାମ ବେଳେ ଏକ ଅସ୍ଥାୟୀ ପୋଖରୀ ସୃଷ୍ଟି ହୋଇଛି। ସେଠାରେ ବର୍ଷା ପାଣି ଜମି ରହୁଛି। ବାଧ୍ୟ ହୋଇ ଗ୍ରାମାବାସୀ ସେହି ଅପରିଷ୍କାର ତଥା ଦୁର୍ଗନ୍ଧଯୁକ୍ତ ପାଣି ନିତ୍ୟକର୍ମ ପାଇଁ ବ୍ୟବହାର କରୁଛନ୍ତି। ତୁରନ୍ତ ପ୍ରକଳ୍ପ କାମ ଶେଷ କରି ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାଣି ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ପି.କେ. ରାଉତରାୟଙ୍କୁ ପଚାରିବାରୁ ସେ କହିଲେ, ଜାତୀୟ ରାଜପଥ କାମ ପାଇଁ ସମସ୍ୟା ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି ପଡ଼ାକୁ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ସମ୍ବଲପୁର ମହାନଗର ନିଗମ ମିର୍ଗାମୁଣ୍ଡା ଗ୍ରାମରେ ମିନି ଷ୍ଟାଡିୟମ ପାଇଁ ମାଟି ପକାଯାଇଛି।

# ଶିଳାନ୍ୟାସରେ ଅଟକିଛି ମିନି ଷ୍ଟାଡିୟମ

ସମ୍ବଲପୁର,୧୯।୫ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମିର୍ଗାମୁଣ୍ଡା ଗ୍ରାମ ଖେଳପଡ଼ିଆରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ୨୦୧୮ ଅଗଷ୍ଟ ୧୬ରେ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ପୂର୍ବତନ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଏମ୍.ଭି. ପ୍ୟାରୀରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଉକ୍ତ ଦିନ ଦୁଇ ମହିଳା ଦଳକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍ ଏଠାରେ ଖେଳାଯାଇଥିଲା। ହେଲେ ଇତିମଧ୍ୟରେ ୧୦ ମାସ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କାମ ଆରମ୍ଭ ହୋଇନାହିଁ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବାରମ୍ବାର ଦାବି ପରେ ମିନି ଷ୍ଟାଡିୟମ କାମ ହାତକୁ ନିଆଯାଇଥିଲା। ଏଥିପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରାୟ ୨୨ ଲକ୍ଷ ଟଙ୍କା ଅନୁଦାନ ଆସିଛି। ସର୍ବଶିକ୍ଷା ଅଭିଯାନ ପକ୍ଷରୁ କାମ କରାଯାଉଛି। ଟେଣ୍ଡର ଡକାଯାଇ ହୀରାକୁଦର ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ହେଲେ କାମ ଆରମ୍ଭ କରାଯାଇ ନାହିଁ। ଠିକାଦାର ଗୋଟିଏ ଦିନ ଜେସିବି ଓ ଟ୍ରାକ୍ଟର ନେଇ ଆସିଥିଲେ। କେବଳ ୨/୪ ଟ୍ରଲି ମାଟି ପକାଇ ଉଭାନ ହୋଇଯାଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି କାମ ଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ଏ ନେଇ ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥୀ କହିଛନ୍ତି, ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। କାମ ପ୍ରାୟ ଶେଷ ହୋଇଯିବା କଥା। କେଉଁ କାରଣରୁ ବିଳମ୍ବ ହେଉଛି ସେ ନେଇ ସର୍ବଶିକ୍ଷା ଅଭିଯାନ ଇଞ୍ଜିନିୟରିଂ ବିଭାଗ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶତପଥୀ କହିଛନ୍ତି।

# ରାଧାକାନ୍ତ ସଭାପତି, ଭୀଷ୍ମଦେବ ସମ୍ପାଦକ

ଚିପିଲିମା,୧୯।୫ (ଡି.ଏନ୍.ଏ.)

ସମ୍ବଲପୁର ବରିଷ୍ଠ ନାଗରିକ ଫୋରମ୍‌ର ବରିଷ୍ଠ ସଦସ୍ୟ ତଥା ଜାତୀୟ ଫୋରମ୍ ସଦସ୍ୟ ପ୍ରଫୁଲ୍ଲ ହୋତାଙ୍କ ଆବାହକତ୍ୱରେ ଧନକଉଡ଼ା ବ୍ଲକ କର୍ଡୋଲା, କୁଦଗୁଣ୍ଡେରପୁର ଓ ବସନ୍ତପୁର ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ନେଇ ରବିବାର ସନ୍ଧ୍ୟାରେ ଚିପିଲିମା ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଞ୍ଚାୟତସ୍ତରୀୟ ଫୋରମ୍ ଗଠିତ ହୋଇଛି। ଅବସରପ୍ରାପ୍ତ ଓଏଚ୍‌ପିସି କର୍ମଚାରୀ ରାଧାକାନ୍ତ ଦାସ ସଭାପତି, ଚିତ୍ତରଞ୍ଜନ ପାଢ଼ୀ ଉପସଭାପତି, ଭୀଷ୍ମଦେବ ପଣ୍ଡା ସମ୍ପାଦକ, ସନ୍ତୋଷ କୁମାର ନାୟକ ଯୁଗ୍ମସମ୍ପାଦକ ଓ ଶିବନାରାୟଣ ସାହୁ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି। ନିର୍ବାହୀ ସଦସ୍ୟ ତଥା ଉପଦେଷ୍ଟା ଭାବରେ ବରିଷ୍ଠ ଖବରଦାତା ଜଗତ ପ୍ରସାଦ ଦାସ, ରଙ୍ଗିଲା ରାୟ, ବଜରଙ୍ଗବଳି ବର୍ମା, ହୃଷୀକେଶ ମହାକୁର, ଶାନ୍ତି ପାଢ଼ୀ, ବୁଦ୍ଧଦେବ ପଣ୍ଡା ଓ ରବିନାରାୟଣ ନାୟକ ମନୋନୀତ ହୋଇଛନ୍ତି। ବୈଠକରେ ସମ୍ବଲପୁର ବରିଷ୍ଠ ନାଗରିକ ଫୋରମ୍ ସଦସ୍ୟ ତଥା ଅବସରପ୍ରାପ୍ତ ବିଚାରପତି ଗୋପୀରଞ୍ଜନ ଦୁବେ, ପୂର୍ବତନ ଆୟକର କମିଶନର ସଦାନନ୍ଦ ସାନଭରସା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ସୁରୁବାବୁ ମେହେର, ଭାଗବତ ପ୍ରସାଦ ନନ୍ଦ, ନିର୍ମଳ ମାଇତି, ଅବସରପ୍ରାପ୍ତ ଉପଜିଲାପାଳ କୃଷ୍ଣଚନ୍ଦ୍ର ସେଟ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନାରାୟଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଯଥାଶୀଘ୍ର ଫୋରମ୍‌କୁ ପଞ୍ଜୀକୃତ କରାଯାଇ ପରବର୍ତ୍ତୀ ବୈଠକ କରିବାକୁ ନିଷ୍ପତ୍ତି ହୋଇଛି।



ବରିଷ୍ଠ ନାଗରିକ ଫୋରମ୍ ବୈଠକରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

# ସମାଜରେ ପରିବର୍ତ୍ତନ ଆଣିବା ଗଣମାଧ୍ୟମର ଦାୟିତ୍ୱ

ସମ୍ବଲପୁର,୧୯।୫(ବ୍ୟୁରୋ)

ସମାଜରେ ପାଇଁ ଗଣମାଧ୍ୟମର ଭୂମିକା ଅତୁଳନୀୟ। ଜଣେ ଖବରଦାତା ସକାରାତ୍ମକ ଓ ନକାରାତ୍ମକ ଉଭୟ ପକ୍ଷକୁ ଦୃଷ୍ଟିରେ ରଖି ଖବର ପ୍ରସ୍ତୁତ କରିବା ଉଚିତ। ନେତା ଓ ସରକାରୀ ଅଧିକାରଙ୍କଠାରୁ ଲୋକଙ୍କ ଅଧିକ ବିଶ୍ୱାସ ଗଣମାଧ୍ୟମ ଉପରେ ରହିଥାଏ। ତେଣି ସେମାନେ ନିଜ ଅଞ୍ଚଳର ଏଭଳି ଖବର ପ୍ରକାଶ କରନ୍ତୁ ଯେଉଁଥିରେ ସମସ୍ତଙ୍କ ମଙ୍ଗଳ ହେବା ସହ ସମାଜରେ ଶାନ୍ତି ବଜାୟ ରହିବ। ସାମାଜିକ ପରିବର୍ତ୍ତନ ଗଣମାଧ୍ୟମର ପ୍ରମୁଖ ଦାୟିତ୍ୱ ବୋଲି ପ୍ରେସ୍ କ୍ଲବଠାରେ ଆୟୋଜିତ ଆଲୋଚନାଚକ୍ରରେ ମାଉଣ୍ଟଆବୁସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ଅଧ୍ୟକ୍ଷ ବ୍ରହ୍ମକୁମାର କରୁଣାକର ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ପ୍ରେସ୍ କ୍ଲବ ସଭାପତି ତ୍ରିବିକ୍ରମ ପଧାନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଭବାନୀ ଭୋଇ, ପଶ୍ଚିମ ଓଡ଼ିଶା କେନ୍ଦ୍ର ବ୍ରହ୍ମାକୁମାରୀ ପାର୍ବତୀ, ବ୍ରହ୍ମାକୁମାରୀ ଆରତୀ ମଞ୍ଚାସୀନ ଥିଲେ। ବହ୍ମାକୁମାରୀ ପାର୍ବତୀ କହିଥିଲେ, ପ୍ରତ୍ୟେକ ଦିନ ମଣିଷ ସମସ୍ୟାର ସମ୍ମୁଖୀନ ହୋଇଥାଏ। ପରମାତ୍ମାଙ୍କ ପାଖରେ ନିଜକୁ ସମର୍ପଣ କଲେ ନିଶ୍ଚିତ ଭାବେ ସମାଧାନର ବାଟ ବାହାରିଥାଏ। ମନରେ କ୍ରୋଧ, ଅହଂକାର, ଲୋଭ ଭଳି ଭାବନା ଆସିବାକୁ ଦେବା ଉଚିତ ନୁହେଁ। ଆତ୍ମଚେତନା, ଆତ୍ମଜାଗୃତି, ଶ୍ରେଷ୍ଠ ବିଚାର, ଶ୍ରେଷ୍ଠ କଳ୍ପନା ରହିବା ଦରକାର। ସ୍ୱ ପରିବର୍ତ୍ତନରେ ବିଶ୍ୱ ପରିବର୍ତ୍ତନ ହୋଇଥାଏ। ପ୍ରଚେଷ୍ଟା କରି ସମଗ୍ର ପୃଥିବୀରେ ବ୍ରହ୍ମାକୁମାରୀ ୧୪୦ ଦେଶରେ ଅନୁଷ୍ଠାନ ରହିଛି। ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଏହି ଅନୁଷ୍ଠାନ ସହ ଯୋଡ଼ି ହୋଇଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।



ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଗିଣ୍ଡିଲାପାଲି ଗ୍ରାମରେ କ୍ରପ୍ କଟିଂ କରାଯାଉଛି।

# କମ୍ ସାର ବ୍ୟବହାର, ଅଧିକ ଅମଳ

ସମ୍ବଲପୁର,୧୯।୫ (ବ୍ୟୁରୋ)

ଜିଲା କୃଷି ବିଭାଗ ଓ ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର (ଇରି) ମିଳିତ ଅନୁକୂଲ୍ୟରେ ଧାନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ ଗିଣ୍ଡିଲାପାଲି ଗ୍ରାମରେ କ୍ରପ୍ କଟିଂ ଓ ପରିମାଣ ଆକଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମର ଚାଷୀ ଲକ୍ଷ୍ମୀନ୍ଦ୍ର ଭୂଏଁଙ୍କ ଜମିରେ କ୍ରପ୍ କଟିଂ କରାଯାଇ ମାପ କରାଯାଇଥିଲା। ଏହି ଅବସରରେ କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ର ନାଥ ଜେନା, କୃଷି ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ରବି ନାରାୟଣ ସେନାପତି, ମଳୟ ରଞ୍ଜନ ପରିଜା, ଧନକଉଡ଼ା ବ୍ଲକ କୃଷି ଅଧିକାରୀ ପୂର୍ଣ୍ଣିମା ବିଶ୍ୱାଳ, ଇରି ଅନୁଷ୍ଠାନ ମୃତ୍ତିକା ବିଶେଷଜ୍ଞ ଅଜୟ କୁମାର ମିଶ୍ରଙ୍କ ସମେତ ଲିସା ମାରିୟମ, ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ବିଶ୍ୱଜିତ ପରିଡ଼ା ଉପସ୍ଥିତ ଥିଲେ। ଧାନ ଫସଲରେ ୨୫ ପ୍ରତିଶତ କମ୍ ସାର ଓ କୀଟନାଶକ ବ୍ୟବହାର କରି ୧୮ ପ୍ରତିଶତ ଅଧିକ ଅମଳ ହୋଇଥିବା ଅଧିକାରୀମାନେ ପ୍ରକାଶ କରିଥିଲେ। ଶେଷରେ ଦିଲୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ସିଙ୍ଗର୍ ନଂ-୧ ଅଡିଶନ

# ଭାଗନେଲେ ୩ଶହ ପ୍ରତିଯୋଗୀ

ସମ୍ବଲପୁର,୧୯।୫ (ବ୍ୟୁରୋ)

ସିଙ୍ଗର୍ ନଂ-୧ ଅଡିଶନ ରବିବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୩ଶହ କଣ୍ଠଶିଳ୍ପୀ ଭାଗ ନେଇଛନ୍ତି। ପାଣିନୀ ପ୍ରାଜ୍ଞ ୟୁ୍ୟଟ୍ୟୁବ୍ ଚ୍ୟାନେଲ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗୀତଜ୍ଞ କମଳେଶ ଚକ୍ରବର୍ତ୍ତୀ, କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା ଓ ଲିପିକା ଦାଶ ବିଚାରକ ଥିଲେ। ପାଣିନୀ ପ୍ରାଜ୍ଞ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବର୍ଷୀୟାନ କଣ୍ଠଶିଳ୍ପୀ ବିଭୂତିଭୂଷଣ ପଟ୍ଟନାୟକ, ହାସ୍ୟ ଅଭିନେତା ବିନ୍ଦୁ ମଲ୍ଲିକ, ଡ୍ୟାନ୍ସ ଫ୍ଲୋର ନିର୍ଦ୍ଦେଶକ ପ୍ରମୋଦ ମହାପାତ୍ର, କେଦାର ପଟେଲ, ସଞ୍ଜୟ ରାଏ, ଶାନ୍ତନୁ ସାହୁ, ଶୀତଳ ସାହୁ, ରମାକାନ୍ତ ହରିପାଲ, ରୋହିତ ଦାସ, ନାରାୟଣ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଷୀତିଜା ପ୍ରିୟଦର୍ଶିନୀ ଓ ପ୍ରଜ୍ଞା ନାୟକ ଉଦ୍‌ଘୋଷିକା ଦାୟିତ୍ୱ ତୁଲାଇଥିଲେ। ପୂର୍ବରୁ ଆୟୋଜିତ କମେଡି ନଂ-୧ ବିଜେତାମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଟିଙ୍କୁ ଟିଙ୍ଗାଲୁ କମେଡି ନଂ.-୧ ବିଜେତା ହୋଇଥିଲେ। ସେହିପରି ସୁମନ୍ତ ଭୋଇ ଦ୍ୱିତୀୟ, ବନମାଳୀ ଭୋଇ ତୃତୀୟ, ଭବାନୀଶଙ୍କର ଭୋଇ ଚତୁର୍ଥ ଓ ଅଜିତ ଭୋଇ ପଞ୍ଚମ ସ୍ଥାନ ହାସଲ କରିଥିଲେ।








ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନରେ ଆୟୋଜିତ ସିଙ୍ଗର୍ ନଂ-୧ ଅଡିଶନରେ କଣ୍ଠଶିଳ୍ପୀ ଗୀତ ଗାଉଛନ୍ତି (ବାମ)। ଅତିଥିମାନେ କମେଡି ନଂ-୧ଙ୍କୁ ପୁରସ୍କୃତ କରୁଛନ୍ତି।

## ଫଟୋରେ ଖବର





ସମ୍ବଲପୁର ଫାଟକ-ଅଇଁଠାପାଲି ମୁଖ୍ୟ ରାସ୍ତାରେ ଦୀର୍ଘଦିନ ହେବ ଆବର୍ଜନା ପଡ଼ି ରହିଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି (ବାମ)। ସମ୍ବଲପୁର ବାଲିବନ୍ଧା ସୋମନାଥ ବାବା ମନ୍ଦିରରେ ଜଳାଭିଷେକ କରାଯାଉଛି।

# ବରଯାତ୍ରୀ ଶୋଭାଯାତ୍ରାରେ ଗଣ୍ଡଗୋଳ: ୧୨ ଗିରଫ

ଧମା,୧୯।୫ (ଡି.ଏନ୍.ଏ.)

ବରଯାତ୍ରୀ ଶୋଭାଯାତ୍ରାରେ ଗଣ୍ଡଗୋଳ ଘଟଣାରେ ଧମା ପୋଲିସ ଉଭୟ ପକ୍ଷ ୧୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରବିବାର ଧମା ଥାନା ଅନ୍ତର୍ଗତ ଟାଙ୍ଗରଜୁରୀ ଗ୍ରାମରୁ କ୍ଷେତରାଜପୁର ଥାନା ଦଲଦଲିପଡ଼ାକୁ ଏକ ବିବାହ ଶୋଭାଯାତ୍ରା ଆସିଥିଲା। ଅପରାହ୍ନ ୨ଟାରେ ବରଯାତ୍ରୀମାନେ ନାଚଗୀତ ସହ ଶୋଭାଯାତ୍ରାରେ କନ୍ୟା ଘର ଆଡ଼କୁ ଯାଉଥିବାବେଳେ ଗୋଡ଼ ଚକଟି ଦେବାକୁ କେନ୍ଦ୍ର କରି ବରଯାତ୍ରୀ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ସେଠାରେ ମାମଲା ସମାଧାନ ହୋଇଯାଇଥିଲେ ମଧ୍ୟ ଟାଙ୍ଗରଜୁରୀକୁ ଫେରିବା ପରେ ପୁଣି ଉଭୟ ଗୋଷ୍ଠୀ ଦଳ ଦଳ ହୋଇ ଆସି ମାରପିଟ ହୋଇଥିଲେ। ଏ ନେଇ ରଞ୍ଜିତ ମହାନନ୍ଦଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୭୮/୧୯) ରୁଜୁ କରି ଟିଟୁ ବାଗ, ରିଙ୍କୁ ବାଗ, କାଳିଆ ବାଗ, ହିମାଂଶୁ ବାଗ ଓ ପ୍ରଶାନ୍ତ ବାଗଙ୍କୁ ଗିରଫ କରିଛି। ସେହିପରି ବବଲୁ ବାଗଙ୍କ ପାଲଟା ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା (ନଂ. ୭୯/୧୯) ରୁଜୁ କରାଯାଇ ରଞ୍ଜିତ ମହାନନ୍ଦ, ହରିବନ୍ଧୁ ମହାନନ୍ଦ, ପୀତାମ୍ବର ମହାନନ୍ଦ, ବବଲୁ ମହାନନ୍ଦ, ଜଗଦୀଶ ଭରାସାଗର, ଯୁଧିଷ୍ଠିର ଭରାସାଗର ଓ ଦିଲୀପ ମହାନନ୍ଦଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



**ସଂକ୍ଷେପରେ**

## ୨୫ରୁ ଭାଗବତ କଥାମୃତ

**ରାଉରକେଲା ଅଫିସ,୧୯।୫:** ସେକ୍ଟର-୨୨ ଶ୍ରୀ ଜଗନ୍ନାଥ ସଂସ୍କୃତି ଜାଗରଣ ମଞ୍ଚ ଆନୁକୂଲ୍ୟରେ ମେ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଶ୍ରୀମଦ ଭାଗବତ କଥାମୃତ ପାରାୟଣ ଅନୁଷ୍ଠିତ ହେବ। ପୂର୍ଣ୍ଣାନନ୍ଦ ମାର୍କେଟ(ପାଣି ଟାଙ୍କି) ପଡିଆଠାରେ ଏହା ପ୍ରତ୍ୟହ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ଏଥିରେ ସାଧୁ ରବିନାରାୟଣ ମିଶ୍ର ଯୋଗ ଦେଇ ଭାଗବତ କଥାମୃତ ସମ୍ପର୍କରେ ଆଲୋକପାତ କରିବେ। ଏ ନେଇ ସଂଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ ଶେଷ ହୋଇଛି।

## ଶ୍ୟାମସୁନ୍ଦର ସାହିତ୍ୟ ସଂସଦର କବିତା ଆସର

**କିର୍ମିରା,୧୯।୫(ଡି.ଏନ୍.ଏ.):** ଝାରସୁଗୁଡ଼ା ଶ୍ୟାମସୁନ୍ଦର ସାହିତ୍ୟ ସଂସଦର ମାସିକ ବୈଠକ ଓ କବିତା ଆସର ଅର୍ଡା ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ସଂସଦ ସଭାପତି ଭଗବତୀ ଜୟପୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଆର୍‌ସିସି ସୁଶିଲ ବାଗ ମୁଖ୍ୟଅତିଥି, ଶିକ୍ଷକ ବିରଞ୍ଚିନାରାୟଣ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଳାସିନୀ ଦଣ୍ଡପାଟ, ଉଦିଆଁ ଚାନ୍ଦ ବେହେରା, ଜଗବନ୍ଧୁ ବେହେରା, ଶୋଭାରାମ ନାଏକଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ଡମ୍ବରୁଧର ପୂଜାରୀ ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଫନୀ ବାତ୍ୟାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂସଦ ସଦସ୍ୟମାନେ ସ୍ୱରଚିତ କବିତା ପାଠ କରିଥିଲେ।

## କିର୍ମିରାରେ ଅଷ୍ଟପ୍ରହର ନାମଯଜ୍ଞ

**କିର୍ମିରା,୧୯।୫(ଡି.ଏନ୍.ଏ.):** କିର୍ମିରା ଗ୍ରାମ ବ୍ୟଙ୍କପଡ଼ାରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଗୁରୁବାର କଳସ ଶୋଭାଯାତ୍ରା, ଶୁକ୍ରବାର ଅଖଣ୍ଡ ନାମ, ଶନିବାର ଦଧିହାଣ୍ଡି ଭାଞ୍ଜନ ଏବଂ ନଗର କୀର୍ତ୍ତନ ହୋଇଥିଲା। ରୋହିତ ସା ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବିଡ଼ମାଲ, କଅଁରମୁଣ୍ଡା, ଖର୍ସନମାଲ, ଛେଲିଆପଡ଼ା, ନକ୍ସାପାଲିର ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଚିଣ୍ଟୁ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ମିଛାପାଲି ଗାଁରେ ଝାଡ଼ାବାନ୍ତି: ଜଣେ ମୃତ, ୫ ଗୁରୁତର

**ନୂଆପଡା ଅଫିସ,୧୯।୫** - କୋମନା ବ୍ଲକ ମିଛାପାଲି ଗାଁରେ ଝାଡାବାନ୍ତି ବ୍ୟାପିଛି। ଏଥିରେ ଗାଁର ଗୋଟିଏ ପରିବାରର ସମସ୍ତେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ନମିତା ମାଝି (୧୫) ନାମ୍ନୀ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ମା' ପଦ୍ମା ମାଝି (୩୫), ବାପା ମକରଧ୍ୱଜ ମାଝି (୪୫), ବିଜୁ (୧୩), ଭଉଣୀ କରିନା (୫) ଏବଂ ଭାଇ ଅଜୁ (୩)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ସେମାନଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ପରିବାର ଲୋକ ଘରେ ବସି ଚା ପାନ କରିଥିଲେ। ପରେ ହଠାତ ସମସ୍ତଙ୍କୁ ଝାଡାବାନ୍ତି ହୋଇଥିଲା। ସମସ୍ତଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ନମିତାଙ୍କ ମୃତ୍ୟୁ ହୋଇଥିଲା।

# ଉତ୍ତପ୍ତ ଝାରସୁଗୁଡ଼ା ଜିଲା, ଜନଜୀବନ ଅସ୍ତବ୍ୟସ୍ତ

**ଝାରସୁଗୁଡ଼ା ଅଫିସ/ ଲଖନପୁର, ୧୯।୫(ଡି.ଏନ୍.ଏ.)**

ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଉଛି। କିଛିଦିନ ହେଲା ଝାରସୁଗୁଡ଼ା ତାପମାତ୍ରା ୪୩ରୁ ୪୪ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହୁଛି। ଶିଳ୍ପାଞ୍ଚଳରେ ପ୍ରଭାବ ଅଧିକ ରହିଛି। ଜିଲାରେ ଝାଞ୍ଜି ପବନ ସାଙ୍ଗକୁ ପ୍ରବଳ ଗୁଳିଗୁଳି ଅନୁଭୂତ ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜିଲାରେ ଶତାଧିକ ଛୋଟବଡ଼ କଳକାରଖାନା ସାଙ୍ଗକୁ ଖଣିଖାଦାନ ଗଢ଼ିଉଠିଛି। ଶିଳ୍ପ ନାମରେ ବ୍ୟାପକ ଗଛ କଟାଯାଉଛି। ସେହିପରି କଳକାରଖାନା ଓ ଖଣିଖାଦାନରୁ ନିର୍ଗତ ଧୂଳିଧୂଆଁ ବାୟୁମଣ୍ଡଳକୁ ଅଧିକ ପ୍ରଦୂଷିତ କରି ଉତ୍ତପ୍ତ କରୁଛି। ଜଙ୍ଗଲ କାଟି କଳକାରଖାନା ନିର୍ମାଣ ପରେ ଏହାର ପ୍ରତିବଦଳରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା ନିୟମ ରହିଛି। କିନ୍ତୁ କେତେକ ଶିଳ୍ପାନୁଷ୍ଠାନ ଅବଶ୍ୟକ ବୃକ୍ଷରୋପଣ ନ କରି କାଗଜ କଲମରେ ଏହାକୁ ଦର୍ଶାଉଛନ୍ତି। ତେଣୁ ନୂଆ ଜଙ୍ଗଲ ସୃଷ୍ଟି ହୋଇପାରୁନାହିଁ। ମୃତ୍ତିକା କ୍ଷୟ ଓ ପରିବେଶ ପ୍ରଦୂଷଣ ରୋକିବା ପାଇଁ ସରକାର ଗତ ୪ବର୍ଷ ତଳୁ ମାଟି ଇଟା ନିର୍ମାଣ ଉପରେ ରୋକ୍ ଲଗାଇଛନ୍ତି। ପାଉଁଶ ଇଟା ଗଢ଼ିବାକୁ ସରକାରୀ ପ୍ରୋତ୍ସାହନ ଦିଆଯାଉଛି। ହେଲେ ଏହାକୁ ଖାତିର ନ କରି କେତେକ ଅସାଧୁ ବ୍ୟବସାୟୀ ରାଜସ୍ୱ ବିଭାଗକୁ ହାତକରି ମାଟି ଇଟା ଗଢ଼ିବାରେ ଲାଗିଛନ୍ତି। ଜିଲାରେ ଛତୁ ଫୁଟିଲା ଭଳି ଇଟାଭାଟି ଖୋଲିଛି। ଇଟା ପୋଡ଼ିବା ପାଇଁ ଇନ୍ଧନ ଭାବେ କାଠ ଓ କଞ୍ଚା କୋଇଲା ବ୍ୟବହାର କରାଯାଉଛି। ଫଳରେ ଦ୍ରୁତଗତିରେ ଜଙ୍ଗଲ ନଷ୍ଟ ହେଉଛି। ସିଧାସଳଖ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। କୋଇଲା ଖଣିରେ ଗଚ୍ଛିତ ରହୁଥିବା କୋଇଲା ଗଦାରେ ନିଆଁଲାଗି ତାହା ଜଳୁଛି। ଏହି ନିଆଁ ବାୟୁମଣ୍ଡଳକୁ ଅଧିକ ଉତ୍ତପ୍ତ କରୁଛି। ଏହା ମନୁଷ୍ୟକୃତ ବିପର୍ଯ୍ୟୟ ବୋଲି କୁହାଯାଉଛି। ଏଭଳି ସ୍ଥିତି ଯଦି ଆଗକୁ ଜାରିରହେ ତେବେ ଝାରସୁଗୁଡ଼ା ରାଜ୍ୟର ସବୁଠାରୁ ଉତ୍ତପ୍ତ ଜିଲା ହେବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ସକାଳ ୧୦ଟାରୁ ଖରାର ପ୍ରକୋପ ବଢ଼ିଯାଉଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ଜରୁରୀ କାମରେ ବାହାରକୁ ବାହାରିବାକୁ ହେଲେ ଓଦା ଗାମୁଛା, ଚଷମା, ପାଣି ବୋତଲ, ଛତା ଧରି ବାହାରୁଛନ୍ତି। ତଥାପି ଅଂଶୁଘାତର ଭୟ ରହୁଛି। ସେଥିରେ ପୁଣି ଅଘୋଷିତ ବିଦ୍ୟୁତ୍‌କାଟ ଲୋକଙ୍କୁ ଅଧିକ ବ୍ୟଥିତ କରୁଛି। ତାତିରୁ ତ୍ରାହି ପାଇଁ ଲୋକେ ଲସି, ଥଣ୍ଡା ପାନୀୟ, ଅଖୁରସ, ଫଳରସ, ତରଭୁଜ, ଆଇସ୍‌କ୍ରିମ୍, ଦହିବରା ଆଦି ଖାଉଛନ୍ତି। ପୂର୍ବାହ୍ନ ୧୧ଟା ପରେ ରାସ୍ତାଘାଟ ଦୋକାନ ବଜାର ଶୂନଶାନ ହୋଇପଡୁଛି। ସତେଯେମିତି କର୍ଫ୍ୟୁ ଜାରି ହୋଇଛି। ଅପରାହ୍ନ ୫ଟା ପରେ ପୁଣି ଦୋକାନ ବଜାର ଖୋଲୁଛି। ସକାଳୁଆ ଅଫିସ ହୋଇଥିବାବେଳେ ଲୋକେ ସକାଳୁ ବାହାରି ଅଫିସ କାମ ସାରି କେମିତି ଶୀଘ୍ର ଘରକୁ ଫେରିବେ ସେହି ଚିନ୍ତାରେ ରହୁଛନ୍ତି। ଅଂଶୁଘାତରୁ ରକ୍ଷା ପାଇଁ ପ୍ରଶାସନ ତରଫରୁ ଲୋକଙ୍କୁ ସଚେତନ କରାଯାଉଛି। ଆଗାମୀ ଦିନରେ ମଣିଷକୃତ ବିପର୍ଯ୍ୟୟକୁ କିଭଳି ରୋକାଯାଇପାରିବ ସେ ନେଇ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନଚେତ୍ ଝାରସୁଗୁଡ଼ା ଜିଲା ନିଆଁପିଣ୍ଡୁଳାରେ ପରିଣତ ହେବ ଓ ଏଠାରେ ବସବାସ କରିବା ଅସମ୍ଭବ ହୋଇପଡ଼ିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।



ତାତିରୁ ତ୍ରାହି ପାଇଁ ଛାତ୍ରୀମାନେ ମୁହଁରେ ଓଢ଼ଣି ବାନ୍ଧି ଯାଉଛନ୍ତି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ନୂଆପଡା ଅଫିସ,୧୯।୫**

କୋମନା ବ୍ଲକ ସଦର ମହକୁମାର ଜଣେ ଶ୍ରମିକଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ତାଙ୍କ ନାମ ସୁକାନ୍ତ ବାଗ (୪୮)। ଶନିବାର ଦିନତମାମ ଏକ ଟ୍ରକରେ ହେମାଲି କାମ କରି ସନ୍ଧ୍ୟାରେ ଘରକୁ ଫେରିଥିଲେ। ଦେହ ଅସୁସ୍ଥ ହେବାରୁ ଘରେ କିଛି ନ ଖାଇ ଶୋଇପଡିଥିଲେ। ରବିବାର ସକାଳୁ ଉଠିବା ପରେ ବେହୋସ ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ପହଞ୍ଚିବାମାତ୍ରେ ତାଙ୍କର ମୃତ୍ୟୁ ହୋଇଥିଲା। ଡାକ୍ତର ସୁକାନ୍ତଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ନେଇ ନୂଆପଡା ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେବା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୁକାନ୍ତଙ୍କ ପରିବାର କହିଲେ ସ୍ତ୍ରୀଙ୍କ ସହ ପୁଅ ସୁରଜ (୧୦) ଘରେ ଅସହାୟ ହୋଇପଡିଛନ୍ତି। ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଉଭୟ କିଡ୍‌ନୀ ସଂକ୍ରମିତ, ଚିକିତ୍ସା ପାଇଁ ଟଙ୍କା ବାଧକ

**ରାଉରକେଲା ଅଫିସ,୧୯।୫**

କିଡ୍‌ନୀ ସଂକ୍ରମଣରେ ପୀଡିତା ମା' ଗତ ୫ ଦିନ ହେବ କଟକ ବଡ ଡାକ୍ତରଖାନା ବେଡ୍‌ରେ। ମା'ଠାରୁ ବିଚ୍ଛେଦ ଶିଶୁ ରାହା ଧରି କାନ୍ଦୁଛି। ମାତ୍ର ୧୫ଦିନର ଶିଶୁ(ପୁଅ)ସେ। ମା' କୋଳରୁ ବଞ୍ଚିତ ହୋଇ ଡହଳ ବିକଳ ହୋଇ କାନ୍ଦୁଛି। ମା' ବି ଝୁରୁଛି ନିଜ ପିଲାକୁ ଦେଖିବାକୁ। ସଂପର୍କୀୟ ହାତରେ ପିଲାଟିକୁ ଟେକି ଦେଇ ବାପା କଟକ ମେଡିକାଲରେ ଜଗି ରହିଛନ୍ତି ସ୍ତ୍ରୀକୁ। ଅର୍ଥାଭାବରେ ପଡି ସେ ବାର ଜାଗା ବୁଲି ନେହୁରା ହେଉଛନ୍ତି। ଡାକ୍ତର କହୁଛନ୍ତି ଟଙ୍କା ଖର୍ଚ୍ଚ କରିବାକୁ ହେବ। ଏମିତି ଶୁଣିବା ପରେ ପରିବାର ଆଖିରୁ ନିଦ ହଜି ଯାଇଛି। ଦୁଃଖର ପହାଡ ଲଦି ହୋଇ ପଡଛି ଗରିବ ଶିବ ପାଶ୍ୱାନ(୩୧)ଙ୍କ ପରିବାର ଉପରେ।

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ମଡର୍ନ ଇଣ୍ଡିଆ ଅଞ୍ଚଳରେ ରହନ୍ତି ଶିବ। ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ଗାଡି ନ ଗଡିଲେ ଚୁଲି ଜଳେନି। ଭଲ ପାଇ ଯାହା ହାତ ଧରିଥିଲେ ତାଙ୍କ ଅବସ୍ଥା ଏବେ ଅତି ସଂଗୀନ। ସ୍ତ୍ରୀ ରଂଜିତା ଅଗ୍ରୱାଲ(୨୫) ଗତ ୧୫ ଦିନ ପୂର୍ବେ ପୁତ୍ର ସନ୍ତାନଟିଏ ଜନ୍ମ ଦେବା ପରେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ପରୀକ୍ଷା ନିରୀକ୍ଷାରୁ ଜଣା ପଡିଲା ଯେ ରଂଜିତାଙ୍କର ଦୁଇଟି କିଡ୍‌ନି ସଂକ୍ରମିତ ହୋଇଛି। ପରେ ତାଙ୍କୁ ପରିବାର ଲୋକ ଚିକିତ୍ସା ନିମନ୍ତେ ରାଞ୍ଚି ନେଇଥିଲେ। ସେଠାରେ ସୁସ୍ଥ ନ ହେବାରୁ ରାଉରକେଲା ଫେରି ଆସି ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ)ରେ ଭର୍ତ୍ତି ହୋଇଥିଲେ। ତଥାପି କିଛି ଲାଭ ହେଲାନି। ଚିକିତ୍ସା ଖର୍ଚ୍ଚ ଉଠାଇବାକୁ ଅସମର୍ଥ ସ୍ୱାମୀ ଯେତେବେଳେ ଆଶା ହରାଇ ବସି ଯାଇଥିଲେ ସେତିକି ବେଳେ ତାଙ୍କୁ ସହାୟତାର ହାତ ବଢାଇ ଥିଲେ ଦକ୍ଷିଣ ରାଉରକେଲା ଯୁବ ମଞ୍ଚ କର୍ମକର୍ତ୍ତା ଅକ୍ଷୟ ପ୍ରହରାଜ। ସେ ଏଭଳି ଦୁଃଖଦ ଖବର ପାଇବା ପରେ ଆଇଜିଏଚ ଖର୍ଚ୍ଚ ଭରଣା କରିବା ସହ ତାଙ୍କୁ କଟକ ବଡ ମେଡିକାଲ ପଠାଇବା ବ୍ୟବସ୍ଥା କରିଥିଲେ। କେବଳ ଏତିକି ନୁହେଁ ନିଜେ କଟକରେ ପହଞ୍ଚି ବିଭାଗୀୟ ଡାକ୍ତରଙ୍କୁ ଭେଟି ରଂଜିତାଙ୍କୁ ସହାଯ୍ୟ କରିବାକୁ ନିବେଦନ କରିଥିଲେ। ଏଣେ ମା'କୁ ଛାଡି ୧୫ ଦିନର ଶିଶୁ ଓ ଜଣେ ୨ ବର୍ଷର ପୁଅ ସଂପର୍କୀୟଙ୍କ ନିକଟରେ ରହୁଛନ୍ତି। ଦିନକୁ ଦିନ ସ୍ତ୍ରୀ ରଂଜିତାଙ୍କ ଅବସ୍ଥା ସଂଗୀନ ହେଉଥିବା ବେଳେ ଅର୍ଥାଭାବରେ ପଡିଘାଣ୍ଟିହେଉଛନ୍ତିସ୍ୱାମୀ ଶିବ। ମାତ୍ର ୩ ବର୍ଷର ବୈବାହିକ ସଂପର୍କ ଭିତରେ ପାହାଡ ଭଳି ବୋଝ ଉଠାଇବାକୁ ଅସମର୍ଥ ଶିବ ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ସରକାରୀ ସହାୟତା ମିଳିଲେ କିମ୍ବା କୌଣସି ସହୃଦୟ ବ୍ୟକ୍ତି କି କୌଣସି ଅନୁଷ୍ଠାନ ସହଯୋଗର ବଢାଇଲେ ରଞ୍ଜିତାଙ୍କ ଜୀବନ ରହି ଯାଆନ୍ତା ବୋଲି ଶିବ କାନ୍ଦି କାନ୍ଦି କହିଛନ୍ତି।



କଟକ ବଡ଼ମେଡ଼ିକାଲରେ ଚିକିତ୍ସିତ ହେଉଥିବା ରଞ୍ଜିତା ଅଗ୍ରୱାଲ।

- କଟକ ବଡ ମେଡିକାଲରେ ପଡିଛନ୍ତି ମହିଳା
- ମାତ୍ର ୧୫ଦିନର ଶିଶୁପୁତ୍ର ରାହା ଧରି କାନ୍ଦୁଛି
- ୨ ବର୍ଷର ଅନ୍ୟ ଏକ ପୁଅ ବି ଏବେ ମା'କୁ ଖୋଜୁଛି
- ସ୍ତ୍ରୀଙ୍କ ଚିକିତ୍ସା ଚିନ୍ତାରେ ସ୍ୱାମୀଙ୍କ ନିଦ ହଜି ଗଲାଣି
- ଅଟୋ ଚଳାଇଲେ ସ୍ତ୍ରୀ, ପିଲାଙ୍କୁ ଆହାର ଦିଅନ୍ତି

## ଆମ୍ବେଡ଼କରଙ୍କ ନାମରେ ରାସ୍ତା ନାମକରଣ ହେଲା

**ରାଉରକେଲା ଅଫିସ,୧୯।୫**

ବନ୍ଧମୁଣ୍ଡା ଡି କ୍ୟାବିନ ଅଞ୍ଚଳର ଏକ ରାସ୍ତାକୁ ଡଃ ଆମ୍ବେଡ଼କରଙ୍କ ନାମରେ ନାମିତ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭାଜପା ରାଜ୍ୟ ସଂପାଦକ ଧୀରେନ ସେନାପତି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ପୂର୍ବତନ କାଉନସିଲର ଅଶୋକ ହାଲୱାଇ ଯୋଗଦେଇ ଅନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ଯୋଗ ଦେଇଥିବା ବେଳେ ନାମକରଣ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ଏହାର ମୁଖ୍ୟ ଉଦ୍ୟୋକ୍ତା ରୂପେ ପ୍ରଶାନ୍ତ ନାଗ, ପୃଥ୍ୱୀରାଜ ହୀରା, ଚୁନା ହୀରା, ମନିଷା ସିଂ, ଆକାଶ ନାୟକ, ତରୁଣ ନାଗ, ସଂଗୀତା ରାୟ, ଲଳିତ ସୋନା, ଓମକାଲୀ ମହାନନ୍ଦ, ପି.ସାମଦ, କୁନ୍ଦନ ତନ୍ତି, ସୁନାକର ଦାସ, ରାଜୁ ନାୟକ ଓ ଦିନୁ କୁଜୁର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।




ରାସ୍ତା ନାମକରଣ ଅବସରରେ ଉପସ୍ଥିତ ଅତିଥି।



କବାଡି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ପ୍ରଶିକ୍ଷାର୍ଥୀ।

## ବନ୍ଧମୁଣ୍ଡାରେ କବାଡି ପ୍ରଶିକ୍ଷଣ ଶିବିର

**ରାଉରକେଲା ଅଫିସ,୧୯।୫**

ରେଳନଗରୀ ବନ୍ଧମୁଣ୍ଡା ଡି ସେକ୍ଟରଠାରେ ଏକ କବାଡି ପ୍ରଶିକ୍ଷଣ ଶିବିର ସପ୍ତାହବ୍ୟାପୀ ଆରମ୍ଭ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ଯୋଗଦେଇ କହିଥିଲେ ଯେ, କ୍ରୀଡା ଉଭୟ ମନ ଓ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। କବାଡି ଭଳି ଏକ ଉତ୍ସାହଜନକ ଖେଳ କାହିଁ କେଉଁ ଅନାଦି କାଳରୁ ଖେଳା ଯାଉଛି। ସମୟକ୍ରମେ କେତକ ଅଞ୍ଚଳରୁ ଲୋପ ପାଇବାକୁ ବସିଛି ଏହି ଖେଳ। ଏହାକୁ ପୁନରୁଜ୍ଜୀବିତ କରିବାକୁ ହେଲେ ସାମଗ୍ରିକ ପ୍ରଚେଷ୍ଟା ଆବଶ୍ୟକ। ରାଉରକେଲା କବାଡି ସଂଘ ଓ ପାନପୋଷ କ୍ରୀଡା ସଂଗଠନ ମିଳିତ ସହଯୋଗରେ ଏଭଳି ଏକ ଶିବିର ଆୟୋଜନ କରାଯାଇଥିବାରୁ ଭୋଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିରେ ବାସନ୍ତୀ କଲୋନୀ ଡିଏଭି ସ୍କୁଲ ଖେଳ ଶିକ୍ଷକ ଅଶୋକ ରାଉତ, ହୃଷିକେଶ ରାୟ ମହାବିଦ୍ୟାଳୟ ଖେଳ ଶିକ୍ଷକ ସତ୍ୟ ନାରାୟଣ ପଣ୍ଡାଙ୍କ ସମେତ ଆନ୍ତର୍ଜାତୀୟ କବାଡି ପ୍ରଶିକ୍ଷକ ଅରବିନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପାନପୋଷ କ୍ରୀଡା ସଂଗଠନ କାର୍ଯ୍ୟକାରୀ ସଭାପତି ବିକ୍ରମ ସ୍ୱାଇଁ, ବିଶ୍ରା ଏଚଏ ବିଦ୍ୟାଳୟ ଶିକ୍ଷୟିତ୍ରୀ ଏମ. ମଧୁରୱାନି ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନ ପ୍ରତିଷ୍ଠାତା ସଦସ୍ୟ ମହେନ୍ଦ୍ର ମିଶ୍ର ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଶିବିରରେ ଯୋଗ ଦେଇଥିବା ଶିବିରାର୍ଥୀଙ୍କୁ ବୈଷୟିକ ତାଲିମ ପ୍ରଦାନ କରାଯାଉଥିବା ବେଳେ ଏଥିରେ ଅରବିନ୍ଦ ପାତ୍ର, ବଜରଙ୍ଗ ବାଗ ଓ ପ୍ରଶାନ୍ତ ଜେନା ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୨ | ୨୬.୪ |
| ଚାନ୍ଦବାଲି | ୩୯.୨ | ୨୮.୮ |
| କଟକ | ୩୯.୪ | ୨୬.୨ |
| ପାରାଦ୍ୱୀପ | ୩୩.୦ | ୨୮.୬ |
| ଭୁବନେଶ୍ୱର | ୩୯.୭ | ୨୭.୮ |
| ଗୋପାଳପୁର | ୩୨.୧ | ୨୭.୩ |
| ପୁରୀ | ୩୪.୦ | ୨୭.୬ |
| ଅନୁଗୋଳ | ୪୨.୧ | ୨୪.୦ |
| ବାରିପଦା | ୩୯.୪ | ୨୭.୫ |
| ଝାରସୁଗୁଡ଼ା | ୪୩.୦ | ୨୭.୨ |
| କେନ୍ଦୁଝର | ୩୯.୦ | ୨୪.୨ |
| ସମ୍ବଲପୁର | ୪୪.୪ | ୨୭.୪ |
| ସୁନ୍ଦରଗଡ଼ | ୪୧.୫ | ୨୨.୦ |
| ହୀରାକୁଦ | ୪୩.୩ | ୨୭.୩ |
| ତାଳଚେର | ୪୨.୧ | ୨୮.୩ |
| ଭବାନୀପାଟଣା | ୪୩.୦ | ୨୭.୦ |
| ବଲାଙ୍ଗୀର | ୪୪.୦ | ୨୫.୦ |
| କୋରାପୁଟ | ୩୬.୨ | ୨୧.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୪.୫ | ୨୭.୦ |
| ମାଲକାନଗିରି | ୪୨.୦ | ୨୪.୨ |
| ସୋନପୁର | ୪୪.୦ | ୨୪.୬ |
| ଦାରିଙ୍ଗିବାଡ଼ି | ୩୬.୫ | ୨୩.୫ |

ଡିଗ୍ରୀ ସେଲ୍‌ସିୟସ୍

# କାଳବୈଶାଖୀରେ ଉଡ଼ିଲା ସ୍କୁଲ ଛାତ

**ବ୍ରଜରାଜନଗର,୧୯।୫(ଡି.ଏନ୍.ଏ.)**

ରାଜପୁର ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ଆଜବେଷ୍ଟସ ଛାତ ଗୁରୁବାର କାଳବୈଶାଖୀରେ ଉଡ଼ିଯାଇଛି। ୫ଟି ଶ୍ରେଣୀକକ୍ଷର ଛାତ ସମ୍ପୂର୍ଣ୍ଣ ଉଡ଼ିଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଲିଖିତ ଅଭିଯୋଗ କରିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଟେଲ। ଆଜବେଷ୍ଟସ ସହ ଚେୟାର ଟେବୁଲ, ମୂଲ୍ୟବାନ କାଗଜପତ୍ର ମଧ୍ୟ ନଷ୍ଟ ହୋଇଥିବା ପଟେଲ ବିଡିଓଙ୍କୁ ଜଣାଇଛନ୍ତି। ୬୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପଟେ ଅଞ୍ଚଳର ଏକମାତ୍ର ଏହି ବାଳିକା ଉଚ୍ଚ ବିଦ୍ୟାଳୟର ଏପରି ଅବସ୍ଥାରେ ସ୍ଥାନୀୟ ସରପଞ୍ଚ କିମ୍ବା ସମିତି ସଭ୍ୟ ବିଦ୍ୟାଳୟକୁ ପରିଦର୍ଶନରେ ନ ଯିବା ଦୁଃଖର ବିଷୟ ବୋଲି ପଟେଲ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ବିଦ୍ୟାଳୟର ମରାମତି କରିବାକୁ ପରିଚାଳନା କମିଟି ସଦସ୍ୟମାନେ ଦାବି କରିଛନ୍ତି।



ସ୍କୁଲ ଆଜବେଷ୍ଟସ ଉଡ଼ିଯାଇଛି।



ଚେୟାର ଟେବୁଲ କ୍ଷତିଗ୍ରସ୍ତ ହୋଇଛି।

# ନ୍ୟାୟ ପାଇଁ ୧୫ଘଣ୍ଟା ଘୂରି ବୁଲିଲେ ବଳାତ୍କାର ପୀଡ଼ିତା ଗର୍ଭବତୀ

ବାମରା,୧୯।୫(ସ୍ୱ.ପ୍ର.)

ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ଗୃହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଡେସ୍କ କରାଯାଇ ସବୁପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। ହେଲେ ଜଣେ ବଳାତ୍କାର ପୀଡ଼ିତା ଗର୍ଭବତୀ ଯୁବତୀ ନ୍ୟାୟ ପାଇଁ ୧୫ଘଣ୍ଟା ପର୍ଯ୍ୟନ୍ତ ୨ଟି ଥାନାକୁ ଘୂରି ବୁଲିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବାମରା ଅଞ୍ଚଳର ବାପଛେଉଣ୍ଡ ଏହି ୧୮ ବର୍ଷୀୟ ଯୁବତୀ ଜଣକ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ମହପଡ଼ା ଗ୍ରାମସ୍ଥିତ ନିଜ ସମ୍ପର୍କୀୟ ପିଉସୀଙ୍କ ଘରକୁ ୨୦୧୮ ଅଗଷ୍ଟ ମାସରେ ଯାଇଥିଲେ। ଏହି ସମୟରେ ପିଉସାଙ୍କ ଦେହ ଖରାପ ହେବାରୁ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଯୁବତୀ ଜଣକ ଘରେ ଏକାକୀ ରହୁଥିଲେ। ଏହି ସୁଯୋଗ ନେଇ ପିଉସୀଙ୍କ ପୁଅ ଲଲିନ୍ଦ୍ର କିଷାନ (୨୪) ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ବର୍ତ୍ତମାନ ଯୁବତୀ ଗର୍ଭବତୀ ଅଛନ୍ତି। ଏଭଳି ପରିସ୍ଥିତିରେ ଯୁବତୀ ଶ୍ରମିକ ଭାବେ କାମ କରୁଥିବା ସଂସ୍ଥା କର୍ତ୍ତୃପକ୍ଷ ତାଙ୍କୁ କାମରୁ ବିଦା କରିଦେଇଛନ୍ତି। ଏହାପରେ ଯୁବତୀ ଜଣକ ହତାଶ ହୋଇ ଶନିବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଗୋବିନ୍ଦପୁର ଥାନାରେ ପହଞ୍ଚିଥିଲେ। ତେବେ ଘଟଣା ବଡ଼ଗାଁ ଥାନା ଅଞ୍ଚଳରେ ଘଟିଥିବାରୁ ଗୋବିନ୍ଦପୁର ପୋଲିସ ଏକ ଜିଡି ମାମଲା (ନଂ. ୧୫) ରୁଜୁ କରି ଯୁବତୀଙ୍କୁ ବଡ଼ଗାଁ ଥାନାରେ ନେଇ ଛାଡ଼ି ଦେଇଥିଲା। ଅଭିଯୋଗ ପାଇ ବଡ଼ଗାଁ ପୋଲିସ ଅଭିଯୁକ୍ତ ଲଲିନ୍ଦ୍ର କିଷାନଙ୍କୁ ଥାନାକୁ ଆଣି ଜେରା କରିଥିଲା। ମାତ୍ର କୌଣସି ମାମଲା ରୁଜୁ କରି ନ ଥିଲା। ଓଲଟା ଦିନ ୧୨ଟାରୁ ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ ଯୁବତୀଙ୍କୁ କିଛି ଖାଇବାକୁ ନ ଦେଇ ପୁଣି ସେଠାରୁ ପିସିଆର୍ ଭ୍ୟାନ ଯୋଗେ ଆଣି ଗୋବିନ୍ଦପୁର ଥାନାରେ ଛାଡ଼ି ନିଜ କର୍ତ୍ତବ୍ୟ ସାରି ଦେଇଥିଲା। ଏପରି ଅବସ୍ଥାରେ ମାନସିକ ଚାପଗ୍ରସ୍ତ ଯୁବତୀ ଜଣକ ନ୍ୟାୟ ନ ପାଇ କାନ୍ଦିବାକୁ ଆରମ୍ଭ କରିଥିଲେ। ମୁଁ ଆଉ ନ୍ୟାୟ ପାଇବା ପାଇଁ ଆଶା କରୁନାହିଁ। ବର୍ତ୍ତମାନ ଘରକୁ ଫେରିଯିବି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଥିଲେ। ଏପଟେ ବଡ଼ଗାଁ ପୋଲିସ ଅଟକ ରଖିଥିବା ଅଭିଯୁକ୍ତଙ୍କୁ ଗୋବିନ୍ଦପୁର ପୋଲିସ ଜେରା କରିବା ସହ ପୀଡ଼ିତାଙ୍କଠାରୁ ଏତଲା ପାଇ ରାତି ୨ଟା ୪୫ରେ ଦଫା ୩୭୬ (୨) (ଏନ୍) ଓ ୬ ପକ୍ସୋ ଆଇନ ବଳରେ ମାମଲା (ନଂ. ୭୦/୧୯) ରୁଜୁ କରିଥିଲା। ଏ ନେଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶର୍ମିଷ୍ଠା ସୁନା କହିଛନ୍ତି। ରବିବାର ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇ ସ୍ଥାନୀୟ ଏନ୍‌ଜିଓ 'ସଖୀ' ଆଶ୍ରୟ ଦିଆଯାଇଛି। ଏ ସମ୍ପର୍କରେ ବଡ଼ଗାଁ ଥାନା ଅଧିକାରୀ ସୂର୍ଯ୍ୟକାନ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ, ପୀଡ଼ିତା ଜଣକ ଗୋବିନ୍ଦପୁର ଥାନା ନିକଟବର୍ତ୍ତୀ ଅଞ୍ଚଳ ବାସିନ୍ଦା ହୋଇଥିବାରୁ ଆମେ ତାଙ୍କୁ ସେଠାକୁ ପଠାଇ ଦେଲୁ। ଗୋବିନ୍ଦପୁର ଥାନା ଅଧିକାରୀ ପି.କେ. ରଣା କହିଛନ୍ତି, ନିୟମ ଅନୁସାରେ ମାମଲା ରୁଜୁ କରାଯାଇଛି। ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଯଥାସମ୍ଭବ ଯଥାସମ୍ଭବ ଉଦ୍ୟମ କରାଯାଇଛି ବୋଲି ରଣା କହିଥିଲେ।


ଗୋବିନ୍ଦପୁର ଥାନାରେ ପୀଡ଼ିତା ଅଭିଯୋଗପତ୍ର ଲେଖୁଛନ୍ତି।

## ଅଂଶୁଘାତରେ ବ୍ୟବସାୟୀଙ୍କ ମୃତ୍ୟୁ ସନ୍ଦେହ

ସଜନାଗଡ଼,୧୯।୫(ଡି.ଏନ.ଏ.)-ନୀଳଗିରି ଅଞ୍ଚଳରେ ରବିବାର ଜଣେ ବ୍ୟବସାୟୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବାର ସନ୍ଦେହ କରାଯାଉଛି। ନୀଳଗିରି ଏନଏସିର ୨ନଂ. ୱାର୍ଡ଼ର ଘାଟଘରସାହି ଗ୍ରାମର ଚନ୍ଦ୍ରଭାନୁ ବେହେରା(୩୮) ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଏକ ପାନ ଦୋକାନ କରିଥିଲେ। ରବିବାର ମଧ୍ୟାହ୍ନରେ ଦୋକାନରେ ଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ସ୍ଥାନୀୟ ଦୋକାନୀମାନେ ପହଞ୍ଚି ତାଙ୍କୁ ନୀଳଗିରି ମେଡ଼ିକାଲ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଥିବାବେଳେ ନୀଳଗିରି ସିନେମା ବଜାର ବନ୍ଦ ରହିଥିଲା।


















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଲୁହୁରାପାଲିରେ ବଳଦକୁ ହତ୍ୟା ଉଦ୍ୟମ

**ଲୋଇସିଂହା,୧୯।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୁହୁରାପାଲି ଗ୍ରାମରେ ଗୋଟିଏ ବଳଦକୁ ହତ୍ୟା ଉଦ୍ୟମ ପଣ୍ଡ ହୋଇଛି । ଏହି ଘଟଣାରେ ଗ୍ରାମାବସୀ ଜଣେ ବ୍ୟକ୍ତିଙ୍କୁ କାବୁ କରି ଲୋଇସିଂହା ଥାନା ଜିମା ଦେଇଛନ୍ତି। ଆଉ ୩ଜଣ ବ୍ୟକ୍ତି ଘଟଣା ସ୍ଥଳରୁ ଖସି ଯାଇଥିବା ଗ୍ରାମାବସୀଙ୍କ ସୂତ୍ରରୁ ପ୍ରକାଶ। ଲୁହୁରାପାଲି ଗ୍ରାମର ନିତ୍ୟାନନ୍ଦ ଥାଟି ତାଙ୍କ ହଳେ ବଳଦଙ୍କୁ ଗ୍ରାମ ଖେଳପଡିଆରେ ବାନ୍ଧିଥାନ୍ତି। ସନ୍ଧ୍ୟାରେ ନିତ୍ୟାନନ୍ଦ ଘରକୁ ଫେରିବା ବେଳେ ବଳଦର ଚିତ୍କାର ଶୁଣିବାକୁ ପାଇଥିଲେ। ପାଖକୁ ଗଲାବେଳକୁ କେତେକ ବ୍ୟକ୍ତି ବଳଦର ବେକରେ ରଶି ବାନ୍ଧି ହତ୍ୟା ଉଦ୍ୟମ କରୁଥିବା ଦେଖିବାକୁ ପାଇଥିଲେ।ପାଟି କରିବାରୁ ଉକ୍ତ ଛକରେ ଥିବା କିଛି ଲୋକ ଘଟଣାସ୍ଥଳକୁ ଦୌଡି ଥିଲେ । ଏତିକି ବେଳେ ୩ ଜଣ ବ୍ୟକ୍ତି ଖସି ଚାଲି ଯାଇଥିଲେ । ଲୋଇସିଂହା ନିକଟସ୍ଥ କର୍ଲିପାଟ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଲୋକ କାବୁ କରିଥିଲେ । ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଲୋକଙ୍କ ମାଡରେ ସେ ଆହତ ହୋଇଥିବାରୁ ତାଙ୍କୁ ଲୋଇସିଂହା ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି । ତେବେ ଗୋମାଂସ ବିକ୍ରି ଲାଗି ଏପରି କରାଯାଉଥିଲା ବୋଲି ଚର୍ଚ୍ଚା ହେଉଛି। ନିତ୍ୟାନନ୍ଦ ଏ ନେଇ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

■ ଲାଟେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

### ଡୁକେରଚଚରା ଚାମ୍ପିୟନ

**ଟିକ୍ରାପଡା, ୧୯।୫(ଡି.ଏନ.ଏ.)** ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡାଠାରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୫ମ ଲାଟେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଡୁକେରଚଚରା ଦଳ ଝିଙ୍କିଡୁଙ୍ଗୁରିକୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିଣି ଡୁକେରଚଚରା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୪୦ରନ କରିଥିଲା। ଜବାବରେ ଝିଙ୍କିଡୁଙ୍ଗୁରି ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୧୧୭ ରନ୍ କରିଥିଲା। ରାମଗୋପାଳ ଚନ୍ଦନ, ମହେଶ ପସାୟତ, ଆକାଶ ବଛା ଖେଳ ପରିଚାଳନା କରିଥିଲେ। ବିକାଶ ବାଗ, ନବୀନ ବୁଡେକ ଧାରା ବିବରଣୀ ପ୍ରଦାନ କରିଥିଲେ । ନିକୁନ ରାଜପଲିଆଙ୍କ ସଂଯୋଜନାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ସୁରଜ କାଲସାଏ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୪୪୪୪ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୨୨୨୨ ଟଙ୍କା ପ୍ରଦାନ କରାଯାଇଥିଲା । ଅଜିତ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ରୋଣ ସେଠ, ତୀର୍ଥ ବାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ବିଦ୍ୟୁତ ବିଭାଗର ଅବହେଳା

# ୬ ମାସ ହେଲା ଚାଲୁନି ଜଳଯୋଗାଣ ପ୍ରକଳ୍ପ

**ଅମରପାଲି, ୧୯।୫(ଡି.ଏନ.ଏ.)**

ଦୀର୍ଘ ୬ମାସରୁ ଅଧିକ ସମୟ ହେଲା ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇଥିବାରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଗ୍ରାମରେ ଦେଖାଦେଇଛି ଜଳ ସଂକଟ। ତେଣୁ ପାନୀୟ ଜଳ ପାଇଁ ଲୋକେ ସାଧାରଣରେ ନାହିଁ ନ ଥିବା ହଇରାଣ ହେଉଥିବା ବେଳେ ଗୃହପଳିତ ପଶୁ ଛଟପଟ ହେଉଛନ୍ତି। ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଜଳ ଯୋଗାଣ ପାଇଁ ନିଜ ନିଜର ଡିମଣ୍ଡି ପିଟୁ ଥିବା ବେଳେ ତୃଣମୂଳସ୍ତରରେ ଏହା କିଭଳି ଭାବରେ ଚାଲିଛି ସେଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ବହଲପଦର ଗ୍ରାମ ପଞ୍ଚାୟତର ଅମରପାଲି ଗ୍ରାମର ଲୋକସଂଖ୍ୟା ୨ହଜାରରୁ ଅଧିକ। ଉକ୍ତ ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ତିଆରି ହୋଇଛି ଏକ ଜଳଯୋଗାଣ ପ୍ରକଳ୍ପ। ଓଭରହେଡ ପାଣି ଟାଙ୍କି ହୋଇଛି । ପାଇପ ଲାଇନ ବିଛା ହୋଇଛି । ଷ୍ଟାଣ୍ଡପୋଷ୍ଟ ଲାଗିଛି, ମୋଟର ବି ଲାଗିଛି। ଏପରିକି ଟାଙ୍କି ପାଖରେ ବିଦ୍ୟୁତ୍ ସଂଯୋଗ ପାଇଁ ଟ୍ରାନ୍ସଫର୍ମର ମଧ୍ୟ ଲାଗିଛି। ସବୁ ଥାଇବି ଜଳଯୋଗାଣ ହେଉ ନ ଥିବା ଲୋକଙ୍କୁ ଅତିଷ୍ଠ କରି ପକାଇଛି। ଖବର ନେବାରୁ ଜଣାପଡିଛି ଯେ, ଏଠାରେ ଲାଗିଥିବା ମୋଟରଟି ୩ ଫେଜ ବିଦ୍ୟୁତ୍ ଆସୁ ନ ଥିବାରୁ ଜଳଯୋଗାଣ ହୋଇପାରୁନାହିଁ। ଗ୍ରାମ ପଞ୍ଚାୟତ ପକ୍ଷରୁ ପ୍ରତିବର୍ଷ ଏହି ପ୍ରକଳ୍ପର ବିଦ୍ୟୁତ୍ ବିଲ ବିଦ୍ୟୁତ ବିଭାଗକୁ ପୈଠ କରାଯାଉଛି। ମାତ୍ର ବିଭାଗ ଏଠାକୁ ବିଦ୍ୟୁତ ସେବା ଯୋଗାଉ ନାହାନ୍ତି। ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁ ନାହାନ୍ତି। ଗ୍ରାମରେ ଥିବା ଜଳାଶୟଗୁଡିକ ଏବେ ଶୁଖିଗଲାଣି। ଲୋକେ ବାଧ ହୋଇ ନଳକୂପ ଉପରେ ନିର୍ଭର କରୁଛନ୍ତି। ଗ୍ରାମରେ ଥିବା ନଳକୂପଗୁଡିକ ମଧ୍ୟରୁ ଅନେକ ଅଚଳ ହୋଇପଡିଥିବା ବେଳେ ଅଧିକ ନଳକୂପରୁ ଫ୍ଲୋରାଇଡ ପାଣି ବାହାରୁଛି। ବାଧ ହୋଇ ଫ୍ଲୋରାଇଡ ମିଶା ପାଣି ପିଇ ଅନେକ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି । ୧୫ ଜଣ ଏଯାଏ କିଡନୀ ରୋଗରେ ମୃତ୍ୟୁବରଣ କରି ସାରିଥିବା ବେଳେ ୨୫ରୁ ୩୦ଜଣ ଆକ୍ରାନ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଏବେ ତାପମାତ୍ରା ବଢ଼ିବା ସହିତ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବଢ଼ି ଯାଇଛି। ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଜନପ୍ରତିନିଧିଠାରୁ ଆରମ୍ଭ କରି ବିଧାୟକ, ବିଡିଓ, ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଏକାଧିକ ଥର ଅଭିଯୋଗ କଲେଣି, ମାତ୍ର କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଗୃହପାଳିତ ପଶୁଙ୍କ ଅବସ୍ଥା ଆହୁରି ସଙ୍ଗୀନ। ତେଣୁ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ଯଥାଶୀଘ୍ର ଉକ୍ତ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କରିବା ସହିତ ଜଳଯୋଗାଣ କରିବାକୁ ଦାବି ହେଉଛି ।



ଅଚଳ ଜଳଯୋଗାଣ ପ୍ରକଳ୍ପ।

- ■ ଅମରପାଲିରେ ଜଳ ସଙ୍କଟ
- ■ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି
- ■ ଶୁଖିଲା ପଡିଛି ଜଳାଶୟ, ଅନେକ ନଳକୂପ ଅଚଳ

### ସେମାନେ ଯାହା କହନ୍ତି.....



ପ୍ରକଳ୍ପ ୬ମାସରୁ ଉର୍ଦ୍ଧ୍ୱ କାଳ ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡିଛି। ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ହଇରାଣ ହେଉଛୁ। ମରାମତି କରିବା ଦିଗରେ ପଦକ୍ଷେପ ନିଆ ଯାଉନି। ଯଥାଶୀଘ୍ର ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଉ।

**ରୀତା ପଧାନ, ଗ୍ରାମବାସୀ**



ପ୍ରକଳ୍ପ ଅଚଳ ହେବାରୁ ବାଧ ହୋଇ ନଳକୂପରୁ ବାହାରୁ ଥିବା ଫ୍ଲୋରାଇଡ ଯୁକ୍ତ ପାଣି ବ୍ୟବହାର କରୁଛୁ। ଏଥିଯୋଗୁ ଗ୍ରାମରେ କିଡନୀ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ପ୍ରାସନ ଅବିଳମ୍ବେ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି।

**ସାରଥି ମଲ୍ଲିକ, ଗ୍ରାମବାସୀ**



ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ଜନପ୍ରତିନିଧିଠୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ଓ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରୁଛୁ। କେହି ଶୁଣୁ ନାହାନ୍ତି। ପାଣି ପାଇଁ ଅସହ୍ୟ ହେଲାଣି। ପାଣି ନମିଳିଲେ ଆଗରୁ ଆନ୍ଦୋଳନ କରାଯିବ।

**ନରେନ୍ଦ୍ର ମାଝୀ, ଗ୍ରାମବାସୀ**



ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ହେଲେ ଏହା କାର୍ଯ୍ୟକ୍ଷମ ହେବ। ଏହି ପ୍ରକଳ୍ପର ମୋଟର ଚାଲିବା ପାଇଁ ୩ ଫେଜ୍ ବିଦ୍ୟୁତ ସଂଯୋଗ ହେବା ଆବଶ୍ୟକ। ମାତ୍ର ପ୍ରକଳ୍ପକୁ ୩ ଫେଜ ବିଦ୍ୟୁତ ସଂଯୋଗ ହେଉନାହିଁ ।

**ସୁରେନ୍ଦ୍ର ଷାଣ୍ଢ, ପମ୍ପ ଡ୍ରାଇଭର**

### ଦୁର୍ଘଟଣାରେ ଆହତ ଯୁବକଙ୍କ ବୁର୍ଲାରେ ମୃତ୍ୟୁ

**ବିନିକା, ୧୯।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା-ରାମପୁର ମୁଖ୍ୟରାସ୍ତାର ଦାନିପାଲି ଛକ ନିକଟରେ ଶନିବାର ଅଜଣା ଗାଡି ଧକ୍କାରେ ଦୁଇଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଥଲେ । ସେମାନଙ୍କ ମଧ୍ୟରୁ ଜଣକଙ୍କର ବିଳମ୍ବିତ ରାତିରେ ବୁର୍ଲା ବଡ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିନିକା ଥାନା ଅନ୍ତର୍ଗତ ଘଣ୍ଟେପାଲି ଗ୍ରାମର ପ୍ରକାଶ ବରର୍ଗୀ(୨୩)। ପ୍ରକାଶ ଥାଉକି ଶନିବାର ଅପରାହ୍ନ ପ୍ରାୟ ୩ଟାରେ ଦାନିପାଲି ଛକ ନିକଟରେ ବିନିକା ପଟକୁ ବାଇକ୍ ଯୋଗେ ଫେରୁଥିବା ବେଳେ ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଠେଙ୍ଗାନାଲ ଗ୍ରାମର ମାନସିଂ ବରର୍ଗୀ(୨୫) ଏବଂ ବିନିକା ଥାନା ଅନ୍ତର୍ଗତ ଘଣ୍ଟେପାଲି ଗ୍ରାମର ପ୍ରକାଶଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଏଥିରେ ଉଭୟେ ଛିଟିକି ପଡି ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ସୋନପୁର ଓ ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରକାଶଙ୍କ ମୃତ୍ୟୁ ଘଟିଛି ।

### ତୁଳସୀ ରାମାୟଣ ସୁନ୍ଦରାକାଣ୍ଡ ପାରାୟଣ

**ଉଲୁଣ୍ଡା, ୧୯।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ପଞ୍ଚାୟତ ମାଟିଖାଇ ଗ୍ରାମରେ ତଲସୀ ରାମାୟଣ ସୁନ୍ଦରାକାଣ୍ଡ ସଂଗୀତମୟ ପାରାୟଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ମନୋରଞ୍ଜନ ମେହେରଙ୍କ ପୃଷ୍ଠପୋଷକତା ଏବଂ ହୃଷିକେଶ ଆଚାର୍ଯ୍ୟଙ୍କ ପରିଚାଳନା କ୍ରମେ ଧୁଲୁଧୁଲା ଗ୍ରାମର ଗାୟିକା ଜ୍ୟୋତିର୍ମୟୀ ଆଚାର୍ଯ୍ୟ ସଙ୍ଗୀତମୟ ପାରାୟଣ କରିଥିଲେ।

■ ଶଙ୍କରା ପ୍ୟାକ୍ସରେ ଧାନ କିଣା ଆରମ୍ଭ

### ପ୍ରଥମ ଦିନରେ ଉଠିଲା ୨୪୯.୩୯ କୁଇଣ୍ଟାଲ

**ବିନିକା, ୧୯।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟଠାରେ ରବି ଧାନ ରେଜେଷ୍ଟ୍ରି ଭୁକ୍ତ ଚାଷୀମାନଙ୍କଠାରୁ ଧାନକ୍ରୟ ଆରମ୍ଭ ହୋଇଛି। ଏହାକୁ ପ୍ୟାକ୍ସ ସଭାପତି ଧର୍ମରାଜ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ୟାକ୍ସର ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଟୋକନ ଦିଆଯାଇଥିବା ୪ଜଣ ଚାଷୀ ଶ୍ରୀକର କର୍ଣ୍ଣ, ମମତା କର୍ମୀ, ନିର୍ମଳା ଦାଶ, ନଳିନୀ ଦାଶଙ୍କଠାରୁ ୨୪୯.୩୯ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ପାର୍ବତୀ ରାଇସ୍ ମିଲ୍‌କୁ ୧୧୩.୪୮ କୁଇଣ୍ଟାଲ ଓ ଶିବ ଶକ୍ତି ରାଇସ୍ ମିଲ୍‌କୁ ୧୩୫.୯୧ କୁଇଣ୍ଟାଲ ଧାନ ପଠାଯାଇଥିବା ପ୍ୟାକ୍ସ ସମ୍ପାଦକ ବୃନ୍ଦାବନ ମିଶ୍ର ସୂଚନା ଦେଇଛନ୍ତି। ଏହି ଧାନ କିଣା କାର୍ଯ୍ୟକ୍ରମରେ ଶ୍ରୀକର କର୍ଣ୍ଣ, ଡାଟାଏଣ୍ଟ୍ରି ଅପରେଟର ସୁନୀଲ କର୍ଣ୍ଣ, କିଶୋର ଶତପଥୀ, ଅଚ୍ୟୁତ କଲେତ ପ୍ରମୁଖ ସହଯୋଗ କରିଥିଲେ।

### ସମ୍ପନ୍ନ ହେଲା ଅଷ୍ଟପ୍ରହର ନାମଯଜ୍ଞ

**ଉଲୁଣ୍ଡା, ୧୯।୫(ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟୁଲାପାଲି ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି। ପୂଜକ ସନ୍ତୋଷ କୁମାର ପଣ୍ଡା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କଲାପରେ ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। ଏଥିରେ ଆଖପାଖ ଗାଁର ଏକାଧିକ ପୁରୁଷ ଓ ମହିଳା ସଂକୀର୍ତ୍ତନ ଦଳ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସତ୍ୟନାରାୟଣ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନିଗା, ଝାରପଡା ଏବଂ ଡୁଙ୍ଗୁରିର ମହିଳା ସଂକୀର୍ତ୍ତନ ଦଳ ମଧ୍ୟରେ ବୈଠକି ଅନୁଷ୍ଠିତ ହୋଇଥିଲା।

### ଚରଦା କୃଷ୍ଣଲୀଳା ଉଦ୍‌ଯାପିତ

**ବିନିକା, ୧୯।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପୂର୍ଣ୍ଣମାସୀ ମନ୍ଦିର ପ୍ରାଙ୍ଗଣରେ ପୂର୍ଣ୍ଣମାସୀ ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ଅକ୍ଷୟ ତୃତୀୟାଠାରୁ ଚାଲିଥିବା କୃଷ୍ଣଲୀଳା ନାଟକ କଂସ ବଧ, ଉଗ୍ରେସନଙ୍କ ରାଜ୍ୟାଭିଷେକ ସହ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଲୀଳାର ବିଭିନ୍ନ ଭୂମିକାରେ ଦନାର୍ଦ୍ଦନ ଥନାପତି, ହିମାଂଶୁ ଥନାପତି, ରଜନୀ ଥନାପତି, ରବିନ୍ ବାଗ, ଶ୍ରୀମନ୍ତ ଥନାପତି, ପ୍ରତାପ ସାଲିମା, ସଦାନନ୍ଦ ନେଗି, ତ୍ରିଲୋଚନ ବାରିକ, କରୁଣାକର ଥନାପତି, ମୁନ୍‌ସପ୍ ଥନାପତି, ମନୋଜ ସେଟ ପ୍ରମୁଖ ଅଭିନୟ କରିଥିଲେ। ଅନୁଷ୍ଠିତ କୃଷ୍ଣଲୀଳାକୁ ଚରଦା ପୂର୍ଣ୍ଣବାସୀ ପଡାବାସୀ ସହଯୋଗ କରିଥିଲେ ।



ବୁର୍ଡା ରାମଲୀଳାରେ ରାମ ରାଜ୍ୟାଭିଷେକ ଦୃଶ୍ୟ ।

### ବୁର୍ଡା ରାମଲୀଳା ଉଦ୍‌ଯାପିତ

**ଲୋଇସିଂହା,୧୯।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ମଧ୍ୟମପଡା ଭଗବତ ଭବାନୀଶଙ୍କର ରାମଲୀଳା ପାର୍ଟି ପକ୍ଷରୁ ଏକମାସ ଧରି ଚାଲିଥିବା ରାମଲୀଳା ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ଦଶ ବର୍ଷ ପରେ ପୁଣି ରାମଲୀଳା ନାଟକ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର ମ୍ୟାନେଜର କଷ୍ଟଚନ୍ଦ୍ର ସା, ନିତ୍ୟାନନ୍ଦ ଗଡୁଆଙ୍କ ତତ୍ତ୍ୱାବଧାନରେ ବହୁ ପୁରୁଣା ଓ ନବାଗତ କଳାକାର ଅଭିନୟ କରିଥିଲେ । ଅନୁଷ୍ଠାନର ପୁରୁଣା କଳାକାର ସୁଦାମ ସାହୁ, ସନାତନ ଗଡୁଆ, ଖୁସିରାମ ନାଏକ, ଛବି ସାହୁ, ସହଦେବ ସା, ଯାଦବ ମହାକୁର, ସୁବାଷ ଚିନ୍ଦ୍ରା, ମିତ୍ରଭାନୁ ପଧାନ, ସଂକୀର୍ତ୍ତନ ସାହୁ, ଫିରୋଜ ଦାସ ପ୍ରମୁଖ ନିଖୁଣ ଅଭିନୟ କରିଥିଲେ । ସଦାନନ୍ଦ ଭୋଇ, ଥବୀର ବାରିକ, ଯଶୋବନ୍ତ ଗଡୁଆ, ଗିରିଧାରୀ ଥନାପତି, ବାବାଶଙ୍କର ସାହୁ, ବୁଦ୍ଧଦେବ ସାହୁ ପ୍ରମୁଖ ବାଦ୍ୟଯନ୍ତ୍ର ପରିଚାଳନା କରିଥିଲେ।

■ ଉଦ୍‌ଘାଟନ ହେବାର ୯ ମାସ ବିତିଲା

## ଜିଲା ସଂସ୍କୃତି ଭବନ କାର୍ଯ୍ୟକ୍ଷମ ହେଲାନି

**ସୋନପୁର,୧୯।୫(ନି.ପ୍ର.)**

ପ୍ରକଳ୍ପ ଉଦ୍‌ଘାଟନ ହୋଇଛି, କିନ୍ତୁ ତାଲା ଝୁଲୁଛି। ୯ମାସ ପରେ ବି କାର୍ଯ୍ୟକ୍ଷମ ହେଉନି। ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଦେଢ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଜିଲା ସଂସ୍କୃତି ଭବନ ଏବେ ଭୂତକୋଠିରେ ପରିଣତ ହେଲାଣି। ଗତ ଜୁଲାଇ ୨୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏହା ବ୍ୟବହାର ନ ହୋଇ ପଡି ରହିଛି। ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ବି ପ୍ରଶାସନ ପକ୍ଷରୁ କରାଯାଇନି। କୋଠାର ମୂଲ୍ୟବାନ ଉପକରଣ ସାମଗ୍ରୀ ଚୋରି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଏହି ସୁଯୋଗରେ ଏଠାରେ ଅସାମାଜିକ କାର୍ଯ୍ୟକଳାପ ଚାଲିଥିବା ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି । ସାଂସ୍କୃତିକ ପ୍ରାଣକେନ୍ଦ୍ର ସୁବର୍ଣ୍ଣପୁରର କଳା, ସଂସ୍କୃତିର ପ୍ରଚାର ପ୍ରସାର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହିତ ସହରବାସୀଙ୍କୁ ଅତ୍ୟାଧୁନିକ ପାଠାଗାରର ସୁବିଧା ସୁଯୋଗ ଯୋଗାଇ ଦେବା ଲକ୍ଷ୍ୟଥିଲା। ୨୦୦୭-୦୮ ମସିହାରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କେନ୍ଦ୍ରୀୟ ଅନୁଦାନ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି(ବିଆରଜିଏଫ) ଓ ଆଇଏପି ଯୋଜନାରେ ପ୍ରଶାସନ ଏହି ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲା। ପରେ ସଂସ୍କୃତି ବିଭାଗ ପକ୍ଷରୁ ଅନୁଦାନ ଓ ଆଇଏପିର ସୁଧ ଅର୍ଥରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏହି କାମ ପାଇଁ ଟେଣ୍ଡର ଆହ୍ୱାନ ହୋଇନି। ଦୀର୍ଘ ୧୨ବର୍ଷ ଧରି ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଏହି କାର୍ଯ୍ୟ ଚାଲିଥିଲା। ଯାହାକି ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ବେଶ୍ ସୁହାଇ ଥିଲା। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବା ପରେ ଏଥିପ୍ରତି କାହାରି ଦୃଷ୍ଟି ନାହିଁ। କଳାକାରଙ୍କ ପ୍ରୋତ୍ସାହନ କାର୍ଯ୍ୟରେ ଏହା ଲାଗି ପାରୁନି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସଂସ୍କୃତିପ୍ରେମୀଙ୍କ ପକ୍ଷରୁ ଦାବି ହେଉଛି ।



ଉଦ୍‌ଘାଟନ ପରେ ଅଲୋଡା ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ।

■ ଗ୍ରହଣ କଲାନି ପରିବାର

## ବିଲାସପୁର ମେଣ୍ଟାଲ ହସ୍ପିଟାଲକୁ ଫେରିଗଲେ ଅମ୍ବିକା

**ଲୋଇସିଂହା,୧୯।୫(ଡି.ଏନ.ଏ)**

ଅମ୍ବିକା ରଣା । ମାନସିକ ସନ୍ତୁଳନ ବିଗିଡି ଯିବାରୁ ଘରୁ ଚାଲି ଯାଇଥିଲେ । ୧୮ ବର୍ଷ ବାହାରେ ରହିଥିଲେ । ୩ ବର୍ଷ ଧରି ଛତିଶଗଡ ବିଲାସପୁରସ୍ଥିତ ଷ୍ଟେଟ ମେଣ୍ଟାଲ ହେଲ୍‌ଥ ହସ୍ପିଟାଲ ପକ୍ଷରୁ ତାଙ୍କ ଚିକିତ୍ସା କରାଯାଉଥିଲା । ମାନସିକ ସ୍ଥିତି ସୁଧୁରିବା ପରେ ପରିବାର କଥା ମନେ ପଡିଥିଲା। କିଛିଦିନ ତଳେ ହସ୍ପିଟାଲ କର୍ତ୍ତୃପକ୍ଷ ଅମ୍ବିକାଙ୍କୁ ତାଙ୍କ ପରିବାରର ଜିମା ଦେବାକୁ ଲୋଇସିଂହା ଆଣିଥିଲେ। ହେଲେ ଅମ୍ବିକା ନିଖୋଜ ହେବାର ୫ ବର୍ଷ ପରେ ସମାଜିକ ରୀତିନୀତିରେ ତାଙ୍କ ଘର ଲୋକେ ସଂସ୍କାର କାର୍ଯ୍ୟ କରି ଦେଇଥିଲେ। ମାନବିକତା ଭୁଲି ଯାଇ ଅମ୍ବିକାଙ୍କ ସ୍ୱାମୀ, ପୁଅ ତାଙ୍କୁ ଘରକୁ ନେବାକୁ ରୋକଠୋକ ମନା କରି ଦେଇଥିଲେ । ଏହାପରେ ହସ୍ପିଟାଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୋଲିସ ନିରୁପାୟ ହୋଇ ପଡିଥିଲେ । ପୁଣି ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ ବିଲାସପୁର ଫେରାଇ ନେଇଥିବା ଲୋଇସିଂହା ଥାନା ସୂତ୍ରରୁ ପ୍ରକାଶ । ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ସରଗାଡ ଗ୍ରାମର ଆନନ୍ଦ ରଣା । ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ଡୁମେରପାଲି ଗ୍ରାମର ଅମ୍ବିକାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେମାନଙ୍କ କେତେକ ସନ୍ତାନ ଅଛନ୍ତି। ୧୮ ବର୍ଷ ତଳେ ଅମ୍ବିକାଙ୍କ ମାନସିକ ସ୍ଥିତି ବିଗିଡି ଯାଇଥିଲା। ହଠାତ ଦିନେ ଘରୁ କୁଆଡେ ସେ ଚାଲି ଯାଇଥିଲେ । ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ । ଇତି ମଧ୍ୟରେ ୫ ବର୍ଷ ବିତି ଯାଇଥିଲା । ପରିବାର ଲୋକେ ତାଙ୍କ ମୃତ୍ୟୁ ସନ୍ଦେହ କରି ସମାଜିକ ନିୟମ ଭାବେ ସଂସ୍କାର କାର୍ଯ୍ୟ କରିଥିଲେ। ଅମ୍ବିକା ଛତିଶଗଡ ଅଞ୍ଚଳକୁ ଚାଲି ଯାଇଥିଲେ । କୌଣସି ସହୃଦୟ ବ୍ୟକ୍ତିଙ୍କ ସହାୟତରେ ବିଲାସପୁରସ୍ଥିତ ଷ୍ଟେଟ ମେଣ୍ଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଦୀର୍ଘ ୩ ବର୍ଷ ଧରି ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟ ଅବସ୍ଥାର ପରିବର୍ତ୍ତନ ଘଟିଥିଲା । ନାମ, ଠିକଣା କହିବା ସହ ପରିବାର କଥା ମନେ ପକାଇଥିଲେ । ଏହାପରେ ଘରକୁ ଆସିବାକୁ ଆଗ୍ରହ କରିଥିଲେ । ଏଣୁ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର ପାଇଁ ଆଣି ଲୋଇସିଂହା ଥାନାରେ ପହଞ୍ଚି ଥିଲେ। ଥାନାରୁ ପରିବାର ଲୋକଙ୍କୁ ଯୋଗାଯୋଗ କରି ଡକା ଯାଇଥିଲା। ଅମ୍ବିକାଙ୍କ ସ୍ୱାମୀ,ପୁଅ, ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଥାନାକୁ ଆସିଥିଲେ। ହେଲେ ଅମ୍ବିକାଙ୍କ ସ୍ୱାମୀ ଓ ପୁଅ ତାଙ୍କୁ ଘରକୁ ନେବାକୁ ନାରାଜ ହୋଇଥିଲେ । ସମାଜିକ ରୀତିରେ ସଂସ୍କାର କାର୍ଯ୍ୟ ସାରି ଦେଇଥିବା କହି ଅମ୍ବିକାକୁ ଗ୍ରହଣ କରିବାକୁ ରୋକଠୋକ ମନା କରିଦେଇଥିଲେ। ଏଣୁ ଅମ୍ବିକାଙ୍କୁ ନେଇ ଛତିଶଗଡ ବିଲାସପୁରସ୍ଥିତ ଷ୍ଟେଟ ମେଣ୍ଟାଲ ହେଲ୍‌ଥ ହସ୍ପିଟାଲ କର୍ତ୍ତୃପକ୍ଷ ଫେରି ଯାଇଛନ୍ତି ବୋଲି ଆଇ ଆଇସି ଲଳିତା ଲାକ୍ରା ପ୍ରକାଶ କରିଛନ୍ତି।



ଲୋଇସିଂହା ଥାନାରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଅମ୍ବିକା।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ସଂକ୍ଷେପରେ

### ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଗାଇସିଲେଟ, ୧୯।୫(ଡି.ଏନ.ଏ):** ଗାଇସିଲେଟ ବ୍ଲକ ଫିରିଙ୍ଗିମାଲ ଗ୍ରାମପଞ୍ଚାୟତର ବାବେବାହାଲ ଗ୍ରାମରେ ଅନୁଷ୍ଠିତ ଚାଲିଥିବା ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡ ସାହାଜବାହାଲ, ଅରଗଡି, କଠଉମାଲ(ଉପରପଡା), ଭୋଇପାଲି, ରାଇସଲପଦର ଓ ଡୁଙ୍ଗରିପାଲି କୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ। ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ ଓ ପଣ୍ଡିତ ନବୀନ କୁମାର ଦାଶ ପୂଜକ ତଥା ପଣ୍ଡିତ କ୍ଷୀରୋଦ ପୁରୋହିତ, ଗୋପିରାମ ପୁରୋହିତ ଓ ବଳରାମ ପୁରୋହିତ ସହଯୋଗ କରିଥିଲେ। ପଣ୍ଡକିପାଲି ଓ ଭୋଇପାଲି ଦଳ ମଧ୍ୟରେ ବୈଠକୀ କୀର୍ତ୍ତନ ହୋଇଥିଲା।

### କନଡିହୀରେ ବିରାଟ ପର୍ବ ମହୋତ୍ସବ

**ବିଜେପୁର, ୧୯।୫ (ଡି.ଏନ.ଏ):** ବରଗଡ ଜିଲା ବିଜେପୁର ବ୍ଲକ କନଡିହିରେ ଶନିବାର ବିଳମ୍ବିତ ରାତିରେ ବିରାଟ ପର୍ବ ମହୋତ୍ସବ ଉଦଯାପିତ ହୋଇଯାଇଛି। ଗୁରୁବାର ଭବ୍ୟ ମାନସିକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ମଣ୍ଡପରେ ଅଧିବାସ କର୍ମ ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋରୁଙ୍କ ମଙ୍ଗଳକାମନା ଉଦ୍ଦେଶ୍ୟରେ କରାଯାଇଥିବା ଏହି ପର୍ବର ଉଦଯାପନୀ ଉତ୍ସବରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଦାନଧର୍ମ କରିଥିଲେ। ସୁକାନ୍ତି ସାହୁ ଓ ତୁଳାକାନ୍ତ ସାହୁ ଦମ୍ପତି କର୍ତ୍ତା ଓ ଦୈତାରୀ ଦାଶ ପୁରୋହିତ କର୍ମ ସମ୍ପାଦନ କରିଥିଲେ। ରାତିରେ ଲେବିଡି ଓ ସର୍ଗିପାଲିର ମହିଳା ସଂକୀର୍ତ୍ତନ ଦଳ ବିଭୂନାମ ଜପ କରିଥିଲେ।

### ୨୪ ପ୍ରହର ନାମଯଜ୍ଞ ସମ୍ପନ୍ନ

**ଭଟଲି, ୧୯।୫(ଡି.ଏନ୍.ଏ):** ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଖର୍ସଲ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୨୪ ପ୍ରହର ନାମଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହେବା ସହିତ ଯଜ୍ଞମଣ୍ଡପରେ ନାମ ଜପ ଆରମ୍ଭ ହୋଇଥିଲା। ଏହି ନାମଯଜ୍ଞରେ ଉତ୍ତର କୁମାର ପଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ କାମରାଜ ଦେବ ମହାପାତ୍ର ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମଜପ ପୂର୍ବକ ଗ୍ରାମ ପରିକ୍ରମା କରିଥିଲେ।

■ ତିନିଦିନ ପରେ ଭୋଟ ଗଣତି

# ସଭିଁଙ୍କ ମନରେ ବଢୁଛି ଉତ୍କଣ୍ଠା

**ବରଗଡ଼ ଅଫିସ୍, ୧୯।୫**

ସାଧାରଣ ନିର୍ବାଚନର ମତଦାନକୁ ମାସାଧିକ କାଳ ବିତିଯାଇଛି। ମତଦାତାଙ୍କ ଭୋଟ୍ ତଥା ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ଭିଭିପିଏଟି ଭିତରେ ସିଲ୍ ହୋଇ ରହିଛି। ଆଉ ମାତ୍ର ତିନିଦିନ ପରେ ଅର୍ଥାତ୍ ଗୁରୁବାର ସିଲ୍ ଖୋଲିବ ଏବଂ ଭୋଟ ଗଣତି ହେବ। ଫଳାଫଳ ମଧ୍ୟ ସେହିଦିନ ଜଣାପଡ଼ିବ। ବରଗଡ଼ ଜିଲା ପାଇଁ ବରଗଡ଼ର ପଞ୍ଚାୟତ କଲେଜ ଏବଂ ପଦ୍ମପୁର ଆରଏମସି ଗୋଦାମକୁ ଭୋଟ୍ ଗଣତି କେନ୍ଦ୍ର ଭାବେ ନିର୍ଦ୍ଧାରଣ କରାଯାଇଛି। ଅତାବିରା, ବରଗଡ଼ ଓ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ବରଗଡ଼ ଲୋକସଭା ସେଗମେଣ୍ଟର ଭୋଟଗଣତି ପଞ୍ଚାୟତ କଲେଜରେ ହେବ। ସେହିପରି ପଦ୍ମପୁର ଆରଏମସି ଗୋଦାମରେ ପଦ୍ମପୁର ଓ ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ବରଗଡ଼ ଲୋକସଭା ସେଗମେଣ୍ଟର ଭୋଟଗଣତି କରାଯିବ। ଭୋଟ ଗଣତି କେନ୍ଦ୍ର ଗୁଡ଼ିକରେ ଉଭୟ ବିଧାନସଭା ଓ ଲୋକସଭା ପାଇଁ ୭ଟି ଲେଖାଏଁ ଟେବୁଲ ରହିବ ଏବଂ ମଝିରେ ଏକ ସେଣ୍ଟ୍ରାଲ ଟେବୁଲ ରଖାଯିବ। ବରଗଡ଼ ବିଧାନସଭା ପାଇଁ ୩୩, ଅତାବିରା ବିଧାନସଭା ୩୬, ବିଜେପୁର ୪୧ ଏବଂ ଭଟଲି ୪୨ ଏବଂ ପଦ୍ମପୁର ବିଧାନସଭା ପାଇଁ ୪୬ ପର୍ଯ୍ୟାୟ (ରାଉଣ୍ଡ)ରେ ଭୋଟ ଗଣତି ସମାପନ ହେବ। ଫଳରେ ଏବେଠୁ ଭୋଟ ଗଣତି ଫଳାଫଳ ନେଇ ସବୁଠି ଚର୍ଚ୍ଚା, ସଭିଁଙ୍କ ମନରେ ଉତ୍କଣ୍ଠା।

**ଏମାନେ କହନ୍ତି...**


ସତ୍ୟନାରାୟଣ ପାଢ଼ୀ


ବୈଲୋଚନ ପଧାନ


ଚୂଡ଼ାମଣି ସାହୁ


ପ୍ରବାସିନୀ ହୋତା


ସଦାଶିବ ସାହୁ

“ନିର୍ବାଚନ ଫଳାଫଳ ଜାଣିବା ପାଇଁ ଲୋକଙ୍କ ମନରେ ବେଶ୍ ଉତ୍କଣ୍ଠା ଲାଗି ରହିଛି। ଏଥର ନିର୍ବାଚନ ଫଳାଫଳ କିଛିଟା ଅପ୍ରତ୍ୟାଶିତ ରହିବ ବୋଲି ଆଶା କରାଯାଉଛି। ବିଶେଷକରି ମହିଳା ଏବଂ ନବାଗତ ଭୋଟର ନିର୍ବାଚନ ଫଳାଫଳକୁ ଯଥେଷ୍ଟ ପ୍ରଭାବିତ କରିବେ।

**ସତ୍ୟନାରାୟଣ ପାଢ଼ୀ, ରାଜନୈତିକ ସମୀକ୍ଷକ**

“ଭୋଟ୍ ଫଳାଫଳ ଜାଣିବାକୁ ନିଶ୍ଚୟ ଉତ୍କଣ୍ଠା ରହିଛି। ଦେଶର ବିକାଶ ପାଇଁ ସ୍ଥାୟୀ ଓ ମଜବୁତ୍ ସରକାର ଦରକାର। ଏଥର ଫଳାଫଳରେ ଯୁବପୀଢ଼ିଙ୍କ ହିଁ ପ୍ରମୁଖ ଭୂମିକା ରହିବ ବୋଲି ଅନୁମାନ କରୁଛି।

**ବୈଲୋଚନ ପଧାନ, ପରିବେଶପ୍ରେମୀ**

“ଆଗରୁ ପରିବାରର ବଡ଼ ଲୋକ ଭୋଟ୍ ଦେଉଥିଲେ। ମୁଁ କେବଳ ଦେଖୁଥିଲି ଏବଂ ହାର୍‌ଜିତ୍ ଉପରେ ଶୁଣୁଥିଲି। ହେଲେ ଏଥର ମୁଁ ପ୍ରଥମଥର ଭୋଟ୍ ଦେଇଛି। ଭୋଟ୍ ଫଳାଫଳ ଜାଣିବା ପାଇଁ ମନରେ ବହୁତ ଉତ୍ସାହ, ଉତ୍କଣ୍ଠା ରହିଛି।

**ଚୂଡ଼ାମଣି ସାହୁ, ନୂଆ ଭୋଟର**

“ଯେହେତୁ ଭୋଟ ଦେଇଛି, ସେଥିପାଇଁ ଫଳାଫଳ ଜାଣିବାକୁ ମନରେ ଉତ୍କଣ୍ଠା ରହିବା ସ୍ୱାଭାବିକ। ମୁଁ ଯେଉଁ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛି, ସେହି ପ୍ରାର୍ଥୀ ବିଜୟୀ ହେଲେ ଆହୁରି ଖୁସି ଲାଗିବ। ୨୩ତାରିଖ ଫଳାଫଳକୁ ଅପେକ୍ଷା କରିଛି।

**ପ୍ରବାସିନୀ ହୋତା, ମହିଳା ଭୋଟର**

“ଆମେ ଚାଷୀଲୋକ। ଚାଷବାସ କରି ଚଳୁଛୁ। ଯେଉଁ ସରକାର ଆସିଲେ ମଧ୍ୟ ଚାଷ, ଚାଷୀ ସମସ୍ୟା ଦୂର ହେଉ ନାହିଁ। ଭୋଟ୍‌ବେଳେ ସବୁ ପ୍ରାର୍ଥୀ ଚାଷୀ ସମସ୍ୟାକୁ ପ୍ରସଙ୍ଗ ରଖି ପ୍ରଚାର କରିଥିଲେ। ଜିତିବା ପରେ ଚାଷୀ ପାଇଁ ସେମାନେ କଣ କରିବେ, ସମୟ କହିବ।

**ସଦାଶିବ ସାହୁ, ଚାଷୀ**


ଡଃ ଆମ୍ବେଦକର ଯୁବା ସଂଘ ପକ୍ଷରୁ ଅନୁଷ୍ଠିତ ଗୌତମ ବୁଦ୍ଧ ଓ ଭୀମଭୋଇ ଜୟନ୍ତୀ ସମାରୋହ।

# ଗୌତମବୁଦ୍ଧ, ଭୀମଭୋଇଙ୍କ ଜୟନ୍ତୀ ସମାରୋହ

**ବରଗଡ଼ ଅଫିସ୍, ୧୯।୫**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୧ ବାଞ୍ଜିପଡ଼ାରେ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଡଃ ଆମ୍ବେଦକର ଯୁବା ସଂଘ, ବରଗଡ଼ ଜିଲା ଆନୁକୂଲ୍ୟରେ ଗୌତମ ବୁଦ୍ଧ ଓ କ୍ରାନ୍ତିକବି ଭୀମଭୋଇଙ୍କ ଜନ୍ମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଡ଼ଭୋକେଟ୍ ସୁରେନ୍ଦ୍ର କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଶିକ୍ଷାବିତ୍ ସୁଧାଂଶୁ ଜାଲ ମୁଖ୍ୟଅତିଥି ଏବଂ ଆଶୁତୋଷ ଛତର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଉଭୟ ମହାମାନବଙ୍କ ଜୀବନୀ ଉପରେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁମାନେ ମଧ୍ୟ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କୋଷାଧ୍ୟକ୍ଷ ବାଲମୁକୁନ୍ଦ ଜଗଦଲା, ସମ୍ପାଦକ ଅଚ୍ୟୁତ ସର, ଯୁଧିଷ୍ଠିର ବିଭାର, ରାଜେନ୍ଦ୍ର ମହାନନ୍ଦ, ଗୋବର୍ଦ୍ଧନ ସାଗର, ବସନ୍ତ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ।


ନୂର୍ପା ଗ୍ରାମ୍ୟ ରାସ୍ତାରୁ ପିଚୁ ଉଠିଯାଇଛି।

# ମହୁଲପାଲି-ନୂର୍ପା ରାସ୍ତାରୁ ପିଚୁ ଉଠିଲା

**ମନମୁଣ୍ଡା, ୧୯।୫ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ଏନଏଚ-୫୭ରୁ ମହୁଲବାହାଲି ନୂର୍ପା ଗ୍ରାମ୍ୟ ରାସ୍ତା ନିମ୍ନମାନର ଯୋଗୁ ପିଚୁ ଉଠିଗଲାଣି। ଗ୍ରାମ୍ୟ ଉନ୍ନୟନ ବିଭାଗ ୧ କୋଟି ୩୫ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟ ଅଟକଳରେ ଉକ୍ତ ରାସ୍ତା କାମ କରିଥିଲା। ରାସ୍ତା ନିର୍ମାଣ ସରିବାର ୧ ମାସ ହୋଇଥିବା ବେଳେ ଅନେକ ସ୍ଥାନରୁ ପିଚୁ ଉଠି ଖାଲ ହୋଇଗଲାଣି। ଏ ନେଇ ଗ୍ରାମବାସୀ ଅଭିଯୋଗ କରିବା ପରେ ରବିବାର ଉକ୍ତ ସ୍ଥାନରେ ମରାମତି କରାଯାଇଛି। ତେବେ ଏହି ମରାମତି ନାମକୁ ମାତ୍ର ବୋଲି ମହୁଲବାହାଲିର ହେମନ୍ତ ମହାକୁଡ, ମାନସ ବାଘ, ସଞ୍ଜୀବ ବର୍ଗତି, ନେପାଳ ବାଘ, ଧ୍ରୁବ ବର୍ଗତି, ରାଘବ ଭୋଇ, ୱାର୍ଡମେମ୍ବର ନକୁଳ ବାଘ, ଲଳିତ ମହାକୁଡ, ପ୍ରଶାନ୍ତ ପ୍ରଧାନ ଅମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଜେଇଙ୍କ ମତାମତ ମିଳିପାରିନାହିଁ।

# ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା

**ସୋହେଲା, ୧୯।୫(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ନିକଟସ୍ଥ ମହିମା ଆଶ୍ରମରେ ୧୮ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ୧୬ତାରିଖରେ ପିପିଲିପାଲିସ୍ଥିତ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ବ୍ରହ୍ମ ଅବଧୂତ ବୀରେନ୍ଦ୍ର ବାବାଙ୍କ ଅଧ୍ୟକ୍ଷତାରେ ଧୂନି ସ୍ଥାପନ କରାଯାଇ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୧୭ ତାରିଖ ସକାଳେ ଦୀପ ପ୍ରଜ୍ୱଳନ କରି ଆଶ୍ରମର ନବନିର୍ମିତ ତୋରଣକୁ ବୀରେନ୍ଦ୍ର ବାବା ଉଦଘାଟନ କରିଥିଲେ। ୧୮ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୂତି ହୋଇ ଯଜ୍ଞ ସମାପନ ହୋଇଥିଲା। ବଲ୍କଳଧାରୀ ଛାୟା ବାବାଙ୍କ ସହ ୧୫ଜଣ ମୂର୍ତି ସାଧୁ ପ୍ରତ୍ୟହ ଯଜ୍ଞ ଘୃତାହୂତି ତଥା ପ୍ରବଚନ ପ୍ରଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟେକଚାନ୍ଦ ଦୁଆନ, ସୁଧୀର ଦେବତା, ନିମାଇଁ ଚରଣ ଭୋଇ, ତୀର୍ଥବାସୀ ନାୟକ, ବିବେକା ନାୟକ, ମନୋଜ ବିଶ୍ୱାଳ, ସରୋଜ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମହିମା ବାବା ଧୂନି ପ୍ରଜ୍ୱଳନ କରୁଛନ୍ତି।

# ତାପ ବଢାଉଛି ବୃକ୍ଷଶୂନ୍ୟ ରାଜପଥ

**ଜାମଟିକ୍ରା, ୧୯।୫ (ଡି.ଏନ.ଏ)**

ସମ୍ବଲପୁର ଜିଲାରୁ ବରଗଡ ଦେଇ ଛତିଶଗଡକୁ ସଂଯୋଗ କରୁଛି ୬ ନମ୍ବର ଜାତୀୟ ରାଜପଥ। ବରଗଡରୁ ଅତାବିରା ଦେଇ ସମ୍ବଲପୁର ସୀମା ଯାଏ ଏହି ରାସ୍ତାକୁ ଚାରିଲେନ ବିଶିଷ୍ଟ କରାଯିବାବେଳେ ଏହାର ଉଭୟ ପାର୍ଶ୍ୱରେ ଥିବା ଶହ ଶହ ଗଛ କାଟି ଦିଆଯାଇଛି। ଫଳରେ ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବୃକ୍ଷଶୂନ୍ୟ ହୋଇ ପଡିଛି। ଏଭଳି ପରିସ୍ଥିତିରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ପଥଚାରୀ ଓ ଯାନବାହନ ଚାଳକମାନଙ୍କ ପାଇଁ ଛାୟାପ୍ରଦ ଶୀତଳ ସ୍ଥାନ ସ୍ୱପ୍ନ ପାଲଟିଛି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବା ଦିନରୁ ଏଠାରେ ଆଶାତୀତ ଭାବେ ତାପମାତ୍ରା ବୃଦ୍ଧି ପାଇଛି। ଏହାସହ ଗତ କିଛି ଦିନ ହେବ ଚାରିଆଡେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଗ୍ନିବର୍ଷା ହେଲା ଭଳି ଲାଗୁଛି। ଟାଣ ଖରା ଓ ଝାଞ୍ଜି ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଏହି ସମୟରେ ପଦାକୁ ବାହାରିବା ଲୋକଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏକଦା ପଥଚାରୀଙ୍କ ପାଇଁ ରାସ୍ତାକଡ ଗଛ ଛାଇ ଆଶ୍ରୟ ଯୋଗାଉଥିଲା। ହେଲେ ବର୍ତ୍ତମାନର ବୃକ୍ଷହୀନ ସ୍ଥିତି ଓ ଅଗ୍ନିବର୍ଷା ସମସ୍ତଙ୍କ ମନରେ ଭୟ ସଞ୍ଚାର କରିଛି।

ସୂଚନାଯୋଗ୍ୟ, ବିଗତ ଦିନରେ ବରଗଡ-ସମ୍ବଲପୁର ଜାତୀୟ ରାଜପଥର ପ୍ରଶସ୍ତୀକରଣରେ କେବଳ ବରଗଡ ଜିଲାରୁ ସମୁଦାୟ ୯୯୦୭ ଗଛ କଟାଯାଇଥିଲା। ସେହିପରି ବିଜୁ ଏକ୍ସପ୍ରେସ ହାଇୱେ ପାଇଁ ବରଗଡ ଜିଲାରୁ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ବଡ ବଡ ଗଛ ବଳି ପଡିଥିଲା। କେବଳ ବରଗଡ-ସମ୍ବଲପୁର ରାସ୍ତାକୁ ନିଆଗଲେ ଏଠି ବଳିପଡିଥିବା ୧୩ ହଜାର ୪୪୫ଟି ଗଛର ପ୍ରତି ବଦଳରେ ୧ଲକ୍ଷ ୩୪ ହଜାର ୪୫୦ଟି ଗଛ ଲଗାଇବା ପାଇଁ ଚୁକ୍ତି ହୋଇଥିଲା। ସମ୍ପୃକ୍ତ ଠିକା କମ୍ପାନୀ ୯୧ ହଜାର ୮୧୦ଟି ଗଛ ଲଗାଇବାକୁ ଥିବା ବେଳେ ବନ ବିଭାଗ ୪୨ ହଜାର ୬୪୦ଟି ଗଛ ଲଗାଇବାର ଥିଲା। କିନ୍ତୁ କେବଳ କାଗଜପତ୍ରରେ ବୃକ୍ଷରୋପଣ ହୋଇଥିବା ଅଭିଯୋଗ ହେଉଛି। ଗଛ ନ ଥିବାରୁ ତାପମାତ୍ରା ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ଜଣେ ଯୁବ ସଙ୍ଗଠକ ସୀତାରାମ ବନଛୁର କୁହନ୍ତି, ବିକାଶ ନାମରେ ବିନାଶ ସ୍ପୃହଣୀୟ ନୁହେଁ। ରାସ୍ତା ପ୍ରଶସ୍ତୀକରଣ ଲାଗି ଯେଉଁଭଳି ଯୁଦ୍ଧକାଳୀନ ଭିତ୍ତିରେ ବୃକ୍ଷ ଛେଦନ କରାଗଲା। ସେହିପରି ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ ସମ୍ପୃକ୍ତ ରାସ୍ତା ନିର୍ମାଣକାରୀ କମ୍ପାନୀମାନେ ଆରମ୍ଭ କଲେ ନାହିଁ। ସେହିପରି ଜଣେ ବୃଦ୍ଧ ଚାଷୀ ବାବାଜୀ ଝାଙ୍କର କୁହନ୍ତି, ଦୀର୍ଘ ୩୦ରୁ ୪୦ ବର୍ଷ ତଳେ ଆମେ ଏହି ରାଜପଥ ଦେଇ ଘରୁ ଗୁଡ ମାଠିଆ ଭାର ବୋହି ଚାଲି ଚାଲି ସମ୍ବଲପୁର ଯାଇଥିଲୁ। ହାଲିଆ ଲାଗିଲେ ରାସ୍ତାରେ ଥିବା ଗଛ ମୂଳରେ ବିଶ୍ରାମ ନେଉ। ଏବେ କିନ୍ତୁ ଏହି ରାସ୍ତା ଖାଁ ଖାଁ ଲାଗୁଛି। ଛାଇ ଟିକିଏ ପାଇବା ପାଇଁ ଗଛଟିଏ ନାହିଁ। ଏହି ରାସ୍ତା ଦେଇ ବାଇକରେ ଗଲେ ମଧ୍ୟ ପ୍ରଚଣ୍ଡ ଖରାରେ ମୁହଁ ପୋଡି ଯାଉଛି। ଗଛ ଥିଲେ ଟିକିଏ ଥଣ୍ଡା ଲାଗିବା ସହ ଗଛ ତଳେ ଥକା ମାରି ଶାନ୍ତି ମିଳନ୍ତା ବୋଲି ପଥଚାରୀ ରାଜୀବ ପଣ୍ଡା କହିଛନ୍ତି।

# ଶଙ୍କରା ପ୍ରିମିୟର୍ ଲିଗ୍ କ୍ରିକେଟ : ନାଇଟ୍ ରାଇଡର ଚାମ୍ପିୟନ

**ବିନିକା, ୧୯।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ବୀର ସୁରେନ୍ଦ୍ର ସାଏ ଖେଳପଡିଆଠାରେ ୟଙ୍ଗଷ୍ଟାର୍ କ୍ରିକେଟ ଆସୋସିଏସନ୍ ପକ୍ଷରୁ ଚାଲିଥିବା ଦ୍ୱିତୀୟ ଶଙ୍କରା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଇଲେଭେନ୍ ଷ୍ଟ୍ରେଞ୍ଜରକୁ ହରାଇ କୌଡିଆମୁଣ୍ଡା ନାଇଟ୍ ରାଇଡର ଚାମ୍ପିୟାନ ହୋଇଛି। ପ୍ରଥମେ ଟସ୍ ଜିଣି ନାଇଟ୍ ରାଇଡର ଦଳ ୧୨୭ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଇଲେଭେନ୍ ଷ୍ଟ୍ରେଞ୍ଜର ୭୪ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଅନୁଷ୍ଠିତ ମ୍ୟାଚ୍‌କୁ ଅଜୟ ବାଗ, ଗଜାନନ ଥନାପତି ପରିଚାଳନା କରିଥିବା ବେଳେ ଟିଟୁ ପଣ୍ଡା, ଯଦୁମଣୀ କର୍ଣ୍ଣ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର୍ ଭାବେ ପ୍ରବୀଣ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷାବିତ୍ ଶଶୀଭୂଷଣ ଶତପଥୀ, ଜିଲା ଭାଜପା ସଭାପତି ବିଜୟ ମହାକୁର, ଜିଲା ପରିଷଦ ସଭ୍ୟା ରୋହିଣୀ ଡାଙ୍ଗ, ଅଶୋକ ପୃଷ୍ଟି, ବାବୁଲୁ ବିଶି, ସୁକାନ୍ତ ବାଗ, ଭାଗିରଥି ବାଗ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଭୀମସେନ ରାବଣ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପିଣ୍ଟୁ ରଣା ମ୍ୟାନ୍ ଅଫ୍ ଦ ସିରିଜ ଓ ସର୍ବାଧିକ ଉଇକେଟ ନେଇଥିବା ଶିବ ଜାଲଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ସୁଦର୍ଶନ ତରିଆ, ପ୍ରମୋଦ ବିଶ୍ୱାଳ, ଜୟରାମ ତରିଆ, ଈଶ୍ୱର ଜାଲ, ଆଲୋକ ଭେସେରାଙ୍କ ସମେତ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ମୁଡ଼ଫଂଟା ଖରାରେ ପିଇଲା ପାଏନ୍ ପ୍ରକଳ୍ପ ଅଚଳ

**ଜହ୍ନାପଙ୍କ, ୧୯।୫ (ଡି.ଏନ.ଏ):**

ବୌଦ୍ଧ ବ୍ଲକ ଅଧୀନ ବଡ଼ିଗାଁ ପଁଚେତ୍ ଅଫିସ ସାମନାରେ ଥିବାର ଥଁଡ଼ା ପିଇଲା ପାଏନ୍ ପ୍ରକଳ୍ପ ଗଲା ୨ ମାସରୁ ଅଧିକା ହେଲା ଅଚଲ ହେଇ ପଡ଼ିରହିଛେ। ପଁଚେତ୍ ଅଫିସକେ ଖାଉଟି ସାମାନ, ଭତା ଆର ଭିନେ ଭିନେ କାଯ୍ ଲାଗି ଆସୁଥିବାର ଜନସାଧାରନ୍‌କର ଦରକାରକେ ଦେଖି ଅଢ଼େ ଲାଖ୍ ଟଁକା ଖରଚ୍‌ରେ ପ୍ରକଳ୍ପ ତିଆର କରାଯାଇଥିଲା। ହେଲେ ଇ ପ୍ରକଳ୍ପ ଉଦ୍‌ଘାଟନ ହେବାର ମାସକେତେଟା ଉତାରୁ ଅଚଲ ହେଇ ପଡ଼ିରହିଛେ। ପ୍ରକଳ୍ପ ମରାମତି ଲାଗି ଗାଁବାସୀ ଯେତେ ଅଭିଯୋଗ କଲେ ବି କେହି ନାଇଁ ଶୁନବାର। ଚଲତି ବଛର ଖରା ତାତି ବଢ଼ିଥିଲାବେଲେ ବଢ଼ିଗାଁ ଛକେ ଏଭ୍‌ତକ୍ ଜଲଛତର ନୁହେ ଖୁଲାହୁଏ। ଯେନ୍‌ଥିରଲାଗି ଇ ବାଟଦେଇ ଯାଉଥିବାର ଲୋକ୍‌ମାନେ ପିଇଲା ପାଏନ୍ ଲାଗି ଡହକ୍‌ବିକଲ ହେଉଥିବାର ଦେଖିବାକେ ମିଲୁଛେ। ସେନ୍‌ତା ୨୦ ଲାଖ୍ ଟଁକା ଖରଚ୍‌ରେ ତିଆର ହେଇଥିବାର ପିଇଲା ପାଏନ୍ ପ୍ରକଳ୍ପ ବହୁତ ବଛର ହେଲା ଅଚଲ ହେଇ ପଡ଼ିଥିବାର ଲାଗି ଗାଁର ପାଖାପାଖି ୩ ହଜାର ଲୋକ୍ ପିଇଲା ପାଏନ୍ ଲାଗି ବଡ଼ା ଗୁଲଗୁଲା ହେଉଛନ୍। ଇ ବାବ୍‌ଦେ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ରାଉତକୁଁ ପଚରାଲାରୁ ନଲ୍‌ଚୁଆଁନୁ ଅଧା କି.ମି. ଭିତରେ ପିଇଲା ପାଏନ୍ ପ୍ରକଳ୍ପ ଖୁଲାଯାଇ ନାଇଁପାରେ ବଲି ସେ କହିଥିଲେ। ଜିଲା ପରଶାସନ ଇ ଦିଗେ ଦୁରୁଷ୍‌ଟି ଦେଇ ପିଇଲା ପାଏନ୍ ସମସିଆର ସମାଧାନ କରବାକେ ଗାଁବାସୀ ଦାବି କରିଛନ୍।

# ନାଟକ ଏନ୍ତା ଏନ୍ତା କଥା ମଞ୍ଚସ୍ଥ

**ବରଗଡ଼ ଅଫିସ୍, ୧୯।୫**

ବରଗଡ଼ର ସୌଖିନ କଳାକାର ସଂଘର ସୁବର୍ଣ୍ଣ ଜୟନ୍ତୀ ଅବସରରେ ରବିବାର ସନ୍ଧ୍ୟାରେ ନାଟକ 'ଏନ୍ତା ଏନ୍ତା କଥା' ମଞ୍ଚସ୍ଥ ହୋଇଥିଲା। ଏଥିରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ସାମାଜିକ କର୍ମୀ ଚନ୍ଦ୍ରଶେଖର ବାଗ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଘର ସଭାପତି ଅଶ୍ୱିନୀ ପଣ୍ଡା, ସମ୍ପାଦକ ପ୍ରଭାସ ମହଲା, ନିର୍ଦ୍ଦେଶକ ହରିହର ମିଶ୍ର, ଅନନ୍ତ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ। ସୌଖିନ କଳାକାର ସଂଘର କଳାକାରମାନେ ନାଟକ ମଞ୍ଚସ୍ଥ କରିଥିବାବେଳେ ସେମାନଙ୍କ ଅଭିନୟ ଚିତ୍ତାକର୍ଷକ ଥିଲା।


ନାଟକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଜିଲାପାଳ ଓ ଅନ୍ୟମାନେ।

ଉଦ୍‌ଘାଟନ ଅପେକ୍ଷାରେ ୧୪ ବଛର ପାପୀ ହରିଜନ ଆଦିବାସୀ ଛାତ୍ରୀନିବାସ

# ଛାତ୍ରୀକଁର ଭବିଷତ୍ ସଂଗେ ଖେଲୁଛେ ବିଭାଗ

**ବିନିକା, ୧୯।୫(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ପାପୀ ଗାଁରେ ୨୦୦୪-୦୫ ଆରଥିକ୍ ବଛରରେ ୨୦ ଲାଖ୍ ଖରଚ୍‌ରେ ଗୁଟେ ହରିଜନ ଆଦିବାସୀ ଛାତ୍ରୀନିବାସ ତିଆର ହେଇଛେ। ଉଦେଶ୍ ଥିଲା ଅଂଚଲର ଗରିବ୍ ହରିଜନ ଆଦିବାସୀ ଛାତ୍ରୀମାନେ ରହି ପାଠ୍ ପଢ଼ବେ। ସରକାର ତାକର ଖାଏବାର ପିଇବାର, ପଢ଼ା ଖରଚ୍ ବୁଝିବେ। ଆଏଜ୍‌କେ ୧୪ ବଛର ହେଲା ଇ ଛାତ୍ରୀ ନିବାସ ତିଆରି କାମ୍ ସରିଛେ। ହେଲେ ବିଭାଗୀୟ ଅବହେଲା, ଉଦାସୀନତାର ଲାଗି ଆଏଜ୍‌ତକ୍ ଛାତ୍ରୀନିବାସ ଚାଲୁ ନାଇଁ ହେଇପାରି। ଯେନ୍‌ଥିରଲାଗି ସରକାରକଁର ମହତ୍ ଉଦେଶ ଇଠାନେ ଫେଲମାରିଛେ। ଅଂଚଲର ଶହ ଶହ ହରିଜନ ଆଦିବାସୀ ଛାତ୍ରୀ ସରକାରୀ ପୋରଛାହନ୍‌ରେ ପାଠ୍‌ପଢ଼ବାରୁ ବଁଚିତ ହେଇଛନ୍। ଏହେଦେ ଇ ନୂତନ ଛାତ୍ରୀନିବାସର ଅବସ୍‌ତା ଏନ୍‌ତା ଯେ, ଛିନାଛକା ଦେଖି ଲୋକ୍ କୁଠାର ଝରକା କବାଟ, ଫେନ୍ ଚୁରେଇ ନେଉଛନ୍। କୁଠାଟା ଦେଖିରେଖି ଅଭାବୁ ଏହେଦେ ଗୁଟେ ଜଗଡ଼ା ଗଦାରେ ପରିନତ ହେଇଛେ। ସେନ୍‌ତା ୨୦୦୮-୦୯ ବଛରରେ ୧୪ ଲାଖ୍ ଖରଚ୍ ଅଟକଲରେ ସିଂଘିଯୁବା ଗାଁରେ ବି ଗୁଟେ ହରିଜନ ଆଦିବାସୀ ଛାତ୍ରୀନିବାସ ତିଆରି କାମ୍ ଆରମ୍ ହେଇଥିଲା। ହେଲେ ଦୁଖର କଥା ଆଏଜ୍‌କେ ପାଖାପାଖି ୧୦ ବଛର ହେଲା ଅନୁଦାନ ଅଭାବୁ ଇ କାମ୍ ବି ଦରଖଁଡ଼ିଆ ହେଇ ପଡ଼ିରହିଛେ। ଅଂଚଲର ଗରିବ୍ ହରିଜନ ଆଦିବାସୀ ଛାତ୍ରୀକଁର ଭବିଷତ୍‌କେ ଦେଖି ପାପୀ ଛାତ୍ରୀନିବାସକେ ଯେତେ ଜଲଦି ହେବା କାୟକ୍ଷମ କରବାର ସଂଗେ ସିଂଘିଯୁବାରେ ଦରଖଁଡ଼ିଆ ହେଇ ପଡ଼ିଥିବାର ଛାତ୍ରୀନିବାସକେ ବି ପୂରା କରବାକେ ଅଂଲର ବୁଧିଜୀବୀ ମହଲରେ ଦାବି ହେଉଛେ। ଇ ବାବ୍‌ଦେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜିକୁଁ ପଚରାଲାରୁ ଜିଲା କଲ୍ୟାଣ ଅଧିକାରୀ ଇ ବାବ୍‌ଦେ ସଠିକ୍ କଥା କହିପାରବେ, ତାକର ସଂଗେ ଯୋଗାଯୋଗ କରୁନ୍ ବଲି କହିଥିଲେ। ସେନ୍‌ତା ଇ ବାବ୍‌ଦେ ଜିଲା କଲ୍ୟାଣ ଅଧିକାରୀ ରବିନ୍ଦ୍ର ପାଲୋକାକୁଁ ଯୋଗାଯୋଗ କଲାରୁ ପାପୀ ଗାଁରେ ଥିବାର ହରିଜନ ଆଦିବାସୀ ଛାତ୍ରୀନିବାସ କାମ୍ ପୂରା ହେଇଛେ। ଏହେଦେ ଗଣଶିକ୍ଷା ବିଭାଗ ଇ ଛାତ୍ରୀନିବାସ ପରିଚାଳନା ଦାଇତିଅରେ ଅଛନ୍। ପିଲାମାନକର ପିଏମ୍‌ଏସ୍(ପ୍ରି ମାଟ୍ରିକ ସ୍କୋଲାରସିପ୍) ତାଲିକା ତିଆରି, ଛାତ୍ରୀମାନକୁ ଛାତ୍ରୀନିବାସରେ ରଖିବାର ଲାଗି ଆଏଜ୍‌ତକ୍ କେହେନ୍‌ସି ପରକାର ଦାବି ନାଇଁହେଇ। ଇ ଛାତ୍ରୀନିବାସ ତିଆରି କାମ୍ ଜିଲା ଆର ବ୍ଲକ ଶିକ୍ଷା ବିଭାଗ କହେବାର ହିସାବେ ହେଇଛେ। ସେଥିରଲାଗି ଇ ଦିଗେ ସେମାନେ ବେଶୀ ଧିଆନ୍ ଦେବାର କଥା। ସତ୍ କହେବାକେ ଗଲେ ସ୍କୁଲ ପରିଚାଳନା କାମ ଶିକ୍ଷା ବିଭାଗର। ଯଦି ଶିକ୍ଷା ବିଭାଗ ପିଲାକର ତାଲିକା ଆର ପିଏମ୍‌ଏସ୍ ତିଆର କରତା ତ ସରକାରକଁର ନିରଧାରିତ ସବୁ ଶିକ୍ଷାଭିତିକ ଆରଥିକ୍ ସହଯୋଗ ସଂଗେ ଛାତ୍ରୀନିବାସରେ ପଦପଦବୀ ପୂରନ ହେଇପାରତା ବଲି ସେ କହିଥିଲେ। ଇ ବାବ୍‌ଦେ ମତାମତ ଲାଗି ବିନିକା ବିଇଓ ଶଶୀଭୂଷଣ ସେଠୀକୁଁ ବାରବାର ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ ନାଇଁଉଠେଇ। ଯେନ୍‌ଥିରଲାଗି ତାକର ମତାମତ ନାଇଁ ମିଲିପାରି।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ନବୋଦୟ ଛାତ୍ରଙ୍କ ଜାପାନ ଗସ୍ତ

ରିଷିଡା,୧୯।୫ (ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ନବୋଦୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଛାତ୍ର ଭବେଶ ପ୍ରସାଦ ରଣା ଆଗାମୀ ୧୯ରୁ ୨୫ ତାରିଖରେ ଜାପାନର ସାକୁରଠାରେ ଅନୁଷ୍ଠିତ ବିଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏଥିପାଇଁ ଶନିବାର ବିମାନ ଯୋଗେ ଦିଲ୍ଲୀରୁ ଜାପାନ ଗସ୍ତ କରିଥିବା ଜଣାପଡ଼ିଛି । ଭବେଶ ଜଣେ ମେଧାବୀ ଛାତ୍ର। ଗତ ବର୍ଷ ସିବିଏସସି ଦଶମ ଶ୍ରେଣୀ ପରୀକ୍ଷାରେ ୯୯ ପ୍ରତିଶତ ମାର୍କରଖି ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି । ଭାରତ ସରକାରଙ୍କ ମାନବସମ୍ବଳ ବିଭାଗ ଅଧୀନ ଏନସିଆରଟି ଦ୍ୱାରା ସେ ମନୋନୀତ ହୋଇ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ଜାପାନ ଗସ୍ତ କରିଛନ୍ତି ।

### ପାଣି ପାଇଁ ପଶୁପକ୍ଷୀ ଡହଳବିକଳ

ଭବାନୀପାଟଣା,୧୯।୫ (ଡି.ଏନ.ଏ.)- ସମ୍ପ୍ରତି ପ୍ରବଳ ଖରାତାତି ଯୋଗୁ ପଶୁପକ୍ଷୀ ଓ ଗୃହପାଳିତ ଜୀବଜନ୍ତୁ ଖୁବ୍ ଡହଳବିକଳ ହେଉଥିବା ଲକ୍ଷ୍ୟ କରାଯାଇଛି । ବର୍ତ୍ତମାନ ଅଧିକାଂଶ ସ୍ଥାନରେ ବନ୍ଧ, ପୋଖରୀ, ନାଳ, ଝରଣା ଓ ଯୋର ଆଦି ଜଳଶୟମାନ ଶୁଖିଲା ପଡିଯାଇଥିବାରୁ ସେମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ବର୍ତ୍ତମାନ ବିଭିନ୍ନ ପୋଖରୀ ଓ ଯୋର ପାଣି ଶୁଖି ଯାଇଥିବାରୁ ଜୀବଜନ୍ତୁଙ୍କ ନିମନ୍ତେ ଚହଲା ତିଆରି କରାଯିବା ଜରୁରୀ ଆବଶ୍ୟକତା ଥିବା ଆଲୋଚିତ ହେଉଛି । କିଛିବର୍ଷ ତଳେ ବିଭିନ୍ନ ପଞ୍ଚାୟତ ଅନୁଷ୍ଠାନ ପକ୍ଷରୁ ଜୀବଜନ୍ତୁ ପଶୁପକ୍ଷୀଙ୍କ ନିମନ୍ତେ କେତେକ ସ୍ଥାନରେ ଛୋଟ ଛୋଟ ଜଳକୁଣ୍ଡମାନ ତିଆରି କରାଯାଇଥିଲା । ମାତ୍ର ଏବେ ସେସବୁ ଆଦୌ କାର୍ଯ୍ୟରେ ଲାଗୁ ନ ଥିବା ଜଣାଯାଇଛି । ଜୀବଜନ୍ତୁଙ୍କ ତୃଷ୍ଣା ନିବାରଣ ନିମନ୍ତେ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ମତପ୍ରକାଶ ପାଇଛି ।

# ଅସ୍ଥାୟୀ ପରମିଟ ଶେଷହେଲା

ଜୁନାଗଡ,୧୯।୫ (ଡି.ଏନ.ଏ.)



**ଜୁନାଗଡ ତହସିଲ**
- ନିଲାମ ହେଉନି, ମନଇଛା ଚାଲିଛି ବାଲି ଚୋରାଚାଲାଣ
- ଧରପଗଡ ଶୂନ୍, ସରକାରଙ୍କ ରାଜସ୍ୱ ହାନି
- ବାଲି ମାଫିଆ ମାଲାମାଲ

କଳାହାଣ୍ଡି ଜିଲା ଜୁନାଗଡ ତହସିଲ ଅଧୀନରେ ଥିବା ବାଲିଘାଟଗୁଡିକ ନିଲାମ(ଟେଣ୍ଡର) ହେଉନାହିଁ। ଫଳରେ ଉକ୍ତ ବାଲି ଘାଟଗୁଡିକରୁ ଏବେ ବାଲି ମାଫିଆମାନେ ମନଇଚ୍ଛା ଶହ ଶହ ଟ୍ରିପ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ସ୍ଥାନୀୟ ତହସିଲ ପକ୍ଷରୁ ବାଲି ଧରପଗଡ କରାଯାଉନାହିଁ। ଏଥିଯୋଗୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଥିବାବେଳେ ବାଲିମାଫିଆମାନେ ମାଲେମାଲ ହେଉଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜୁନାଗଡ ତହସିଲରେ ୯ଟି ବାଲିଘାଟ ରହିଛି। ସେଗୁଡିକ ହେଲା ପାଣିଗାଁ, ଟିଙ୍ଗୁଡିସର, କରଚଲା, ଟିଲକପୁର, ହାବସପୁର, ଆଟିଗାଁ, ଟିଟିଗୁଡା, ଭତରାଗୁଡା, ଦାସିଗାଁ। ଏହି ବାଲିଘାଟଗୁଡିକ ଦୀର୍ଘ ବର୍ଷ ହେଲା ନିଲାମ ହୋଇନାହିଁ। କେବଳ କିଛି ବାଲିଘାଟକୁ ବିଭିନ୍ନ ସମୟରେ ତହସିଲ ପକ୍ଷରୁ ଅସ୍ଥାୟୀ ଅନୁମତି (ଟେମ୍ପରାରୀ ପରମିଟ)ରେ କିଛି ଲୋକଙ୍କୁ ଦିଆଯାଉଛି। ଏହା ପୁଣି କେବଳ ୩ ମାସ ପାଇଁ। ଏପରିକି ନିର୍ଦ୍ଦିଷ୍ଟ କିଛି ଲୋକ ଓ ତାଙ୍କ ସମ୍ପର୍କୀୟମାନେ ପ୍ରାୟ ସମୟରେ ବାଲିଘାଟଗୁଡିକର ଅସ୍ଥାୟୀ ଅନୁମତି ପାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଗତ ଫେବୃୟାରୀ ପର୍ଯ୍ୟନ୍ତ ଚାଲିଥିବା ୩ଟି ବାଲିଘାଟ ପାଣିଗାଁ, ଟିଟିଗୁଡା ଓ ବୁଡିପଦରର ଅସ୍ଥାୟୀ ପରମିଟ୍ ମଧ୍ୟ ଇତିମଧ୍ୟରେ ଶେଷ ହୋଇଛି। ଏହାପରଠୁ କୌଣସି ବାଲିଘାଟର ଅସ୍ଥାୟୀ ପରମିଟ ନାହିଁ। ଏହା ସତ୍ତ୍ୱେ ମଧ୍ୟ ଉକ୍ତ ବାଲିଘାଟଗୁଡିକରୁ ଏବେ ମନଇଚ୍ଛା ବାଲି ଚୋରାଚାଲାଣ ହେଉଛି। ବାଲିମାଫିଆମାନେ ଦୈନିକ ଉକ୍ତ ବାଲି ଘାଟରୁ ଟ୍ରିପ ଟ୍ରିପ ବାଲି ଟ୍ରାକ୍ଟରେ ଓ ହାଇୱାରେ ଚୋରାଚାଲଣ କରୁଛନ୍ତି। ଏହି ବାଲିକୁ ସେମାନେ ରାସ୍ତାଘାଟ ନିର୍ମାଣ କରୁଥିବା ଠିକାଦାର ତଥା ଘର ତିଆରି କରୁଥିବା ଲୋକଙ୍କୁ ଯୋଗାଉଛନ୍ତି। ଟ୍ରାକ୍ଟରରେ ଓ ହାଇୱାରେ ବାଲି ଯୋଗାଇବା ପାଇଁ ଦୈନିକ ବାଲିମାଫିଆମାନେ ମୋଟା ଅଙ୍କର ଅର୍ଥ ପାଉଥିବା ଜଣାପଡିଛି। ଏହି କାମରେ ବାଲିମାଫିଆଙ୍କ ସହ ତହସିଲ କର୍ମଚାରୀ ମଧ୍ୟ ସମ୍ପୃକ୍ତ ଥିବା କଥାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଜିଲା ପ୍ରଶାସନ ଏହି ବାଲିଘାଟଗୁଡିକୁ ଅତର୍କିତ ଚଢାଉ କଲେ ଚୋରାଚାଲଣ ହେଉଥିବା ବାଲି ରୋକାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ନେଇ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ବାଲିଘାଟଗୁଡିକୁ ଟେଣ୍ଡର କରିବା ପାଇଁ ଧର୍ମଗଡ ଉପଜିଲାପାଳଙ୍କୁ ଜଣାଇଛି। ବାଲିମାଫିଆଙ୍କୁ ଧରପଗଡ ଓ ରାଜସ୍ୱ ହାନୀ ବିଷୟରେ ପଚାରିବାରୁ ନିବାଚନ ବ୍ୟସ୍ଥତା ଯୋଗୁ ଧରପଗଡ କରିବାରେ ସମସ୍ୟା ହୋଇଛି। କିନ୍ତୁ ଧରପଗଡ କରି ପୂର୍ବରୁ ସରକାରଙ୍କୁ ୨୧ ଲକ୍ଷ ଟଙ୍କାର ରାଜସ୍ୱ ଦେଇ ସାରିଛୁ। ନିର୍ବାଚନ ଗଣତି ଶେଷ ପରେ ବାଲି ମାଫିଆଙ୍କ ଉପରେ ଚଢାଉ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଶୀତଳ ଭଣ୍ଡାର, କାର୍ଯ୍ୟକ୍ଷମ ଦାବି

ଭବାନୀପାଟଣା,୧୯।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଏକ ପଛୁଆ ଆଦିବାସୀ ଅଞ୍ଚଳ ଭାବେ ପରିଚିତ । ଏହି ବ୍ଲକରେ ନିରିହ ଆଦିବାସୀ ହରିଜନ ଲୋକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଅନେକ ଯୋଜନାମାନ ପ୍ରସ୍ତୁତ ହୋଇଛି। ହେଲେ ଥୁଆମୂଳ ରାମପୁର ବ୍ଲକରେ ଏହାର କୌଣସି ସୁଫଳ ମିଳୁ ନ ଥିବା ଦେଖିବାକୁ ମିଳିଛି । ଏହି ବ୍ଲକରେ ୨୦୧୩-୧୪ରେ ୧୪ ଲକ୍ଷ ଟଙ୍କା ବ୍ୟୟରେ ଏକ ଶୀତଳ ଭଣ୍ଡାର ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଆଦିବାସୀମାନଙ୍କ ବିଭିନ୍ନ ପନିପରିବା ଚାଷରୁ ଉତ୍ପାଦନ ପନିପରିବାକୁ ଶୀତଳ ଭଣ୍ଡାରରେ ରଖି ପରବର୍ତ୍ତି ସମୟରେ ଉଚ୍ଚ ଦରରେ ବିକ୍ରି କରି ନିଜ ପରିବାର ପୋଷଣରେ ସହାୟକ ହେବ ବୋଲି ନିର୍ମାଣ ହୋଇଥିଲା । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଉଦାସିନତା ଯୋଗୁ ଏହି ଶୀତଳ ଭଣ୍ଡାର ଜରାଜିର୍ଣ୍ଣ ଅବସ୍ଥାରେ ପଡିରହିଛି । ଫଳରେ ଏଠାକାର ଲୋକେ ଶୀତଳ ଭଣ୍ଡାର ସୁବିଧା ପାଇବାରୁ ମଧ୍ୟ ବଞ୍ଚିତ ହେବାକୁ ପଡୁଛି । ବହୁ କଷ୍ଟରେ ଚାଷୀ ଚାଷ କାର୍ଯ୍ୟ କରିଥାନ୍ତି । କିନ୍ତୁ ସ୍ଥାନୀୟ ବଜାରରେ ଉପଯୁକ୍ତ ମୂଲ୍ୟ ନ ପାଇ କମ୍ ମୁଲ୍ୟରେ ବିକ୍ରି କରିବାକୁ ବାଧ ହୋଇଥାନ୍ତି । ଫଳରେ ଯେତିକି ଖର୍ଚ୍ଚ କରିଥାନ୍ତି ସେତିକି ମଧ୍ୟ ବାହାରିବା କଷ୍ଟକର ହୋଇ ପଡିଥାଏ । ସରକାରୀ ଅଧିକାରୀଙ୍କ ଉଦାସିନତା ମନଭାବ ଯୋଗୁ ଚାଷୀ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ୨୦୧୩ରୁ ଶୀତଳ ଭଣ୍ଡାରରେ କାର୍ଯ୍ୟରତ ଜଣେ ଜଗୁଆଳିଙ୍କୁ ୫ ବର୍ଷ ହେବ କୌଣସି ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ ହେଉଛି । ଏହି ଅଞ୍ଚଳର ଚାଷୀମାନେ ଅନେକ ସମୟରେ ବିଭାଗୀୟ କର୍ମଚାରୀଙ୍କୁ ଅବଗତ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି । ଶୀତଳ ଭଣ୍ଡାର ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ମତାମତ ନେବା ପାଇଁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତହା ସମ୍ଭବ ହୋଇପାରି ନାହିଁ । କାର୍ଯ୍ୟରତ କର୍ମଚାରୀମାନଙ୍କୁ ମଧ୍ୟ ଶୀତଳ ଭଣ୍ଡାର ବିଷୟରେ ପଚାରିବାରୁ କିଛି କହି ନ ଥିଲେ।



ଅଚଳ ହୋଇପଡ଼ିଥିବା ଥୁଆମୂଳ ରାମପୁର ବ୍ଲକର ଶୀତଳ ଭଣ୍ଡାର।

# ଶ୍ରମିକ ଅଭାବ: ଧାନ କଟା ମେଶିନ୍ ଉପରେ ନିର୍ଭର

ଭବାନୀପାଟଣା,୧୯।୫ (ଡି.ଏନ.ଏ.)



ଆରମ୍ଭ ହେବାକୁ ଯାଉଛି ରବି ଧାନ ମଣ୍ଡି। ଏଥି ପାଇଁ ଚାଷୀମାନେ ଜମିରୁ ଧାନ କାଟି ଅମଳ କରିବାକୁ ଅଣ୍ଟା ଭିଡିଲେଣି। ତେବେ ଧାନ କାଟିବା, ବୋହିବା, ମଡାଇବା ଆଦି କାମ ପାଇଁ ଗ୍ରାମାଞ୍ଚଳରେ ପ୍ରାୟତଃ ମହିଳା ଓ ପୁରୁଷ ଶ୍ରମିକ ମିଳୁନାହାନ୍ତି। ଗ୍ରାମାଞ୍ଚଳର କିଛି ଶ୍ରମିକ ସହର ମୁହାଁ ହୋଇଥିବାବେଳେ ଆଉ କିଛି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଇଛନ୍ତି। ଶ୍ରମିକ ମିଳୁ ନ ଥିବାରୁ କିଭଳି ଧାନ ଅମଳ ହେବ ସେ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଅନ୍ୟପଟେ ଶ୍ରମିକଙ୍କ ଦ୍ୱାରା ଧାନ କଟାଗଲେ ଏକର ପିଛା ୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଧାନ କଟା ମେଶିନ୍‌ରେ ଧାନ କାଟିଲେ ଏକର ପିଛା ୩ ହଜାର ୮ ଶହ ଟଙ୍କାରୁ ୪ ହଜାର ଟଙ୍କା ମଧ୍ୟରେ ଖର୍ଚ୍ଚ ହେଉଛି। ତେଣୁ ଅଧିକାଂଶ ଚାଷୀ ଶ୍ରମିକ ନ ଖୋଜି ଧାନ କଟା ମେଶିନ୍ ଉପରେ ନିର୍ଭର କରୁଛନ୍ତି। କଳାହାଣ୍ଡି ଜିଲାରେ କମ୍ ସଂଖ୍ୟକ ଧାନ କଟା ମେଶିନ୍ ଥିବାରୁ ଚାଷୀ ଆନ୍ଧ୍ରରୁ ପ୍ରତ୍ୟେକ ଦିନ ଏହି ଧାନ କଟା ମେଶିନ୍ ମଗାଉଛନ୍ତି। ଧାନ କଟା ମେଶିନ୍ ନିମନ୍ତେ ଚାଷୀମାନେ ସ୍ଥାନୀୟ ଏଜେଣ୍ଟ ତଥା ମଧ୍ୟସ୍ଥିଙ୍କୁ ଆଗ୍ରୀମ ହେଇସାରିଲେଣି। ଅନ୍ୟପଟେ କିଛି ଚାଷୀ ଋଣ ଆକାରରେ କୃଷି ବିଭାଗ ଜରିଆରେ ଏହି ଧାନ କଟା ମେଶିନ୍ ପାଇଁ ଆବେଦନ କରିଥିଲେ ହେଁ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବା କିଛି ଚାଷୀ ଓ ପ୍ରତିନିଧି ଅଭିଯୋଗ କରିଛନ୍ତି।

### ଟ୍ରକ୍, କନ୍‌ଟେନର ମୁହାଁମୁହିଁ: ଜଣେ ମୃତ

ଦେବଗଡ, ୧୯।୫ (ସ୍ୱ.ପ୍ର)

ଦେବଗଡ଼ ଜିଲା ବାରକୋଟ ଥାନା ଅଧିନ ବାହାଡାପଶି ଛକ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଔରଙ୍ଗାବାଦ ଅଞ୍ଚଳର ୱାସିମ ସେକ୍ (୩୪)। ଦେବଗଡ ଦେଇ ଏକ କନଟେନର (ଏମଏଚ ୧୭ବିଡି ୨୧୭୪) କୋଲକତା ଯାଉଥିଲା। ପାଲଲହଡାପଟୁ ଏକ ହାୱା ଟ୍ରକ (ଟିଆର ୦୮ ୧୭୯୦)ଆସୁଥିଲା। ବାହାଡାପଶି ଛକରେ ରବିବାର ଭୋର ଦୁଇ ଗାଡି ମୁହାଁମୁହିଁ ହୋଇଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଓ ପୋଲିସ ଦେବଗଡ ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସିତ ଅସସ୍ଥାରେ କନ୍‌ଟେନର ଡ୍ରାଇଭର ମୃତ୍ୟୁ ହୋଇଥିଲା । ଅନ୍ୟ ଦୁଇ ଜଣ ଔରଙ୍ଗାବାଦର ଅଞ୍ଚଳର ରାହୁଲ ନେଟୁରି, ତ୍ରିପୁରା ଅଞ୍ଚଳର ନିଲୁ କୁମାର ସିଂହାଁ ଗୁରୁତର ହୋଇଥିବା ଜଣାପଡିଛି।

### ଆଇଆର୍‌ବିଏନ୍ ଯବାନଙ୍କ ଫନୀ ସହାୟତା

ଦେବଗଡ, ୧୯।୫ (ସ୍ୱ.ପ୍ର)

ଫନୀରେ ଓଡିଶାର ବିଭିନ୍ନ ଅଞ୍ଚଳରେ ପିଡିତ ଓ କ୍ଷତିଗ୍ରସ୍ତଙ୍କ ପାଇଁ ଦେବଗଡ ଜିଲା ବମ୍ପରଡାସ୍ଥିତ ୪ର୍ଥ ଆଇଆରବିଏନ୍ ପକ୍ଷରୁ ୨ଲକ୍ଷ ୧୪ ହଜାର ୩୫୦ ଟଙ୍କା ପାଣ୍ଠି ସଂଗୃହୀତ ହେବା ସହ ରାଜ୍ୟ ପୋଲିସ ମୁଖ୍ୟାଳୟର ଓପିଆର୍ ଆଣ୍ଡଡବ୍ଲ୍ୟୁ ସମ୍ପାଦକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପଠାଯାଇଛି । ଏହି ପରିପ୍ରେକ୍ଷୀରେ ବମ୍ପରଡା ୪ର୍ଥ ଆଇଆର ବାଟାଲିୟନ ବିଭାଗୀୟ ଅଧିକାରୀ ଓ ବିଭିନ୍ନ କ୍ୟାଡର ଆରକ୍ଷୀମାନଙ୍କ ଠାରୁ ସଂଗୃହିତ ଟଙ୍କା ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ମୁଖ୍ୟ ଶାଖା ଜରିଆରେ ପଠାଇବା ସହ ରାଜ୍ୟ ପୋଲିସ ମୁଖ୍ୟାଳୟର ଅଧିକୃତ ଅଧିକାରୀଙ୍କୁ ସୂଚନା ଦେଇଥିବା କହିଛନ୍ତି।

# ପ୍ରଚଣ୍ଡ ଗ୍ରୀଷ୍ମତାପ, ଜନଜୀବନ ଅସ୍ତବ୍ୟସ୍ତ

କେସିଙ୍ଗା,୧୯।୫(ଡି.ଏନ.ଏ.)



ପ୍ରଚଣ୍ଡ ଖରା ଯୋଗୁ କେସିଙ୍ଗା ସହର ରାସ୍ତାଘାଟ ଶୂନଶାନ ହୋଇପଡ଼ିଛି।

**କେସିଙ୍ଗା ସହର**

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରବଳ ଗରମ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। କଳାହାଣ୍ଡି ଜିଲା କେସିଙ୍ଗା ସହରରେ ଦୀର୍ଘ ୧୯ ଦିନ ଧରି ୪୦ରୁ ୪୫ ଡିଗ୍ରୀ ତାପମାତ୍ରା ରହୁଥିବାରୁ ସହରରେ ସକାଳ ୧୦ଟା ପରେ ଜନଶୂନ୍ୟ ହୋଇପଡୁଛନ୍ତି । ଲୋକେ ଦୂର ଯାଗାକୁ ଗମନାଗମନ କରୁଥିବାରୁ ଜାତୀୟ ରାଜପଥ ପାର୍ଶ୍ୱରେ ଦହିବରା, ତରଭୁଜ, ଆଖୁରସ, ଆମ୍ବରସ ଦହିବରା, ଆଖୁରସ ଓ ତରଭୁଜ ବିକାଳିଙ୍କଠାରେ ଭିଡ ଜମୁଛି। ସହରଠାରୁ ୧ କି.ମି. ଦୂରରେ ଅବସ୍ଥିତ ତେଲନଦୀର ବାଲୁକାସ୍ତୁପ, ନୂତନ ଭାବେ ନିର୍ମାଣ ହେଉଥିବା ରେଳ ଧାରଣାର ଉତ୍ତପ୍ତ ଯୋଗୁ ଗରମ ଏହି ସହରରେ ଦୈନିକ ୪୦ରୁ ୪୫ ଡିଗ୍ରୀ ରହୁଛି। ଫଳରେ ଦିନ ୧୦ଟା ସୁଦ୍ଧା ସହରର ବଲାଙ୍ଗୀର ଛକଠାରୁ ବୋରିଙ୍ଗପଦର ଚେକଗେଟ୍ ପ୍ରାୟ ୩ କି.ମି. ଯାଏ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଦୋକାନ, ବଜାର ବନ୍ଦ ହୋଇଥାଏ। ସନ୍ଧ୍ୟା ୬ଘଣ୍ଟାରେ ସହରର ଦୋକାନ, ବଜାର ଖୋଲାଯାଇ ରାତି ୯ ଘଣ୍ଟାରେ ବନ୍ଦ ହୋଇଥାଏ । କେସିଙ୍ଗାଠାରୁ ଭବାନୀପାଟଣା ୩୫ କି.ମି. ଦୂରକୁ ଯିବାକୁ ହେଲେ ଲୋକେ ସକାଳ ୫ଟାରୁ ଘରୁ ବାହାରି ୧୦ଟା ସୁଦ୍ଧା ଘରୋଇ କାମ କିମ୍ବା ସରକାରୀ କାମ ସାରି ଘରକୁ ଫେରୁଛନ୍ତି। ଭବାନୀପାଟଣା, ପାଷ୍ଟିକୁଡି, ଉତ୍କେଳା, କେସିଙ୍ଗା ଆଦି ସହରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତରେ ଶିକାର ହୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି । କେସିଙ୍ଗାସ୍ଥିତ କେନ୍ଦ୍ରୀୟ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ଯେ, ଗତ ଏପ୍ରିଲଠାରୁ ମେ ମାସ ୧୯ ତାରିଖ ସୁଦ୍ଧା ପାନୀୟ ଜଳ ସମସ୍ୟା ରହୁଥିବା ଜଣାପଡିଛି । ପାନୀୟ ଜଳ ସମସ୍ୟା ରହୁଥିବାରୁ ଜନଜୀବନ, ଗୃହ ପାଳିତ ପ୍ରାଣୀଠାରୁ ସମସ୍ତେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି ।

# ଖରା ବଢ଼ିବା ସହ ବଢୁଛି ମାଟିପାତ୍ରର ଚାହିଦା

ଭବାନୀପାଟଣା,୧୯।୫ (ଡି.ଏନ.ଏ.)



ଜଣେ କୁମ୍ଭାର ମାଟିପାତ୍ର ଗଢୁଛନ୍ତି।

ଆଧୁନିକ ଯୁଗରେ ଆଲୋକଙ୍କ ରୁଚି ବଦଳୁଛି। ସାମାଜିକ ଜୀବନ ସହ ସମ୍ପୃକ୍ତ ରହିଥିବା ମାଟି ହାଣ୍ଡିର ଚାହିଦା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି। ଏଥିରେ କୁମ୍ଭକାରଙ୍କ ଜୀବନ ଜୀବିକା ମଧ୍ୟ ସଙ୍କଟରେ ରହିଛି। ଦିନ ଥିଲା ଖଣି ଅଞ୍ଚଳରେ ଉକ୍ତ ସମ୍ପ୍ରଦାୟକର ଲୋକମାନେ ଅଧିକ ମାତ୍ରାରେ ମାଟି ସାମଗ୍ରୀ ଉପରେ ନିର୍ଭର କରୁଥିଲେ। ପୂଜା ପାର୍ବଣ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମାଟି ପାତ୍ର ବ୍ୟବହାର ହେଉଥିଲା। ବିଶେଷ କରି ଗ୍ରୀଷ୍ମ ଋତୁରେ ମାଟିପାତ୍ର ଚାହିଦା ବେଶ ଜମୁଥିଲେ। କିନ୍ତୁ ବର୍ତ୍ତମାନ ଥଣ୍ଡା ପାଣି ପିଇବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ବାହାରିଛି। ଲୋକେ ମାଟିପାତ୍ର ପ୍ରତି ଆଦର ଆଗଭଳି ନ ଥିଲେ ମଧ୍ୟ ଖରା ବଢିବା ସହ ମାଟି ହାଣ୍ଡି, ମାଠିଆ, ସୁରେଇ ଆଦି ପାତ୍ର ଚାହିଦା ବଢିବାରେ ଲାଗିଛି। ଖରାଦିନର ଅସହ୍ୟ ଗରମକୁ ଲକ୍ଷ୍ୟ କରି ବହୁଲୋକ ମାଟିପାତ୍ର କିଣୁଛନ୍ତି। ବିଶେଷ କରି ପାଣିକୁ ଥଣ୍ଡା ରଖିବାକୁ ମାଟିହାଣ୍ଡ, ସୁରେଇ ଓ ମାଠିଆର ବିକଳ୍ପ ନାହିଁ। ପରିବେଶ ଅନୁକୂଳ ମାଟିପାତ୍ର ଶରୀର ପାଇଁ ମଧ୍ୟ ଉପକାରୀ। କୌଣସି ରାସାୟନିକ ଦ୍ରବ୍ୟ ବିନା ପ୍ରାକୃତିକ ଉପାୟରେ ଏହା ତିଆରି ହୋଇଥିବାରୁ ନିରୋଗ ରଖିଥାଏ। କୁମ୍ଭାରଙ୍କ ପାରମ୍ପରିକ ଜୀବିକାର ଏହି ମାଧ୍ୟମ ଆଗରୁ ବେଶ୍ ଭଲ ଭାବେ ଚାଲିଥିଲା। ଲୋକେ ସବୁ କାମରେ ମାଟିପାତ୍ର ବ୍ୟବହାର କରୁଥିଲେ। କିନ୍ତୁ ସମୟ ବଦଳିବା ସହ ଏହି ଧାରା ମଧ୍ୟ ବଦଳିଗଲା। ଏସବୁ ମାଟିପାତ୍ରର ଚାହିଦାକୁ ଆଲୁମିନିୟମ, ଷ୍ଟିଲ୍ ଆଦି ସାମଗ୍ରୀ ସ୍ଥାନ ନେଲାଣି। କିନ୍ତୁ ସମୟ ବଦଳିବା ସହ ଏହି ଧାରା ମଧ୍ୟ ବଦଳିଗଲା। ଏସବୁ ମାଟିପାତ୍ରର ଚାହିଦାକୁ ଆଲୁମିନିୟମ, ଷ୍ଟିଲ୍, ପ୍ଲାଷ୍ଟିକ୍, ଫାଇବର ଆଦି ସାମଗ୍ରୀ ସ୍ଥାନ ନେଲା। ମାଟିହାଣ୍ଡି ଓ ଅନ୍ୟପାତ୍ରର ସ୍ୱଳ୍ପ ଆୟୁ ଦୃଷ୍ଟିରୁ ଲୋକେ ଏହି ମାଟିପାତ୍ର ସାମଗ୍ରୀକୁ ଛାଡିଲେ ଓ ପ୍ରବାହିତ ସମୟରେ ଆଲୁମିନିୟମ, ଷ୍ଟିଲ୍‌ର ସୁଅରେ ନିଜର ଘରୋଇ ସାମଗ୍ରୀ କଲେ। କେବଳ ମାଟି ଦୀପ, କଳସ ଓ କେତେକ ରୀତିନୀତି, ପର୍ବପର୍ବାଣୀ, ବିବାହ, ବ୍ରତଘର ପାଇଁ ଆବଶ୍ୟକ ଉପକାରଣ ହିଁ ଲୋକଙ୍କୁ ଲୋଡା ହେଉଛି। କିନ୍ତୁ ପୂର୍ବଭଳି ଏହି ଆଦର ଲୋକଙ୍କ ମଧ୍ୟରେ ନାହିଁ। କେବଳ ଗ୍ରୀଷ୍ମ ଋତୁରେ ଏହାର ଚାହିଦା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ମାଟି ହାଣ୍ଡିଟିଏ ଗଢିବା ପାଇଁ ଯେତିକି ପରିଶ୍ରମ କରିବାକୁ ପଡୁଛି। ସେହି ଅନୁପାତରେ ପାରିଶ୍ରମିକ ମିଳୁନାହିଁ କି ସରକାରଙ୍କ ତରଫରୁ କିଛି ସାହାଯ୍ୟ ମିଳୁ ନାହିଁ ବୋଲି ଭବାନୀପାଟଣା ନିକଟସ୍ଥ ଭଙ୍ଗାବାରୀ ଗ୍ରାମର କୁମ୍ଭାର ଜୟରାମ ରଣା, ଥବିର ରଣା, ଲୋକେଶ ରଣାଙ୍କ ଭଳି ଅନ୍ୟ କୁମ୍ଭାରମାନେ ପ୍ରକାଶ କରିଛନ୍ତି। ଯଦି ସରକାରୀ ପ୍ରୋତ୍ସାହନ ଯୋଗଇ ଦିଅନ୍ତେ ତେବେ କୌଳିକ ବୃତ୍ତି କୁମ୍ଭକାରମାନେ ଆପଣାଇ ପାରିବା ସହ ସୁନ୍ଦର କଳା ଓ କୁଟୀର ଶିଳ୍ପର ଅସ୍ତିତ୍ୱ ବଜାଇ ରଖିବାରେ ସମର୍ଥ ହୁଅନ୍ତେ ବୋଲି କହିଛନ୍ତି।

## ଫଟୋରେ ଖବର









କଳାହାଣ୍ଡି କେସିଙ୍ଗା ଷ୍ଟେଶନ ନିକଟସ୍ଥ ଏକ ଆଖୁରସ ଦୋକାନରେ ଲୋକଙ୍କ ଭିଡ଼ ଜମିଛି (ବାମ)। କେସିଙ୍ଗା ରେଳ ଫାଟକ ପାର୍ଶ୍ୱରେ ଜଣେ ଆମ୍ବ ବିକାଳି ଗ୍ରାହକଙ୍କ ଅପେକ୍ଷାରେ ବସିଛନ୍ତି (ମଝି)। ପ୍ରବଳ ଗରମ ଯୋଗୁ କେସିଙ୍ଗା ସହରର ଜଣେ ଛାତ୍ର ବରଗଛ ମୂଳେ ପାଠ ପଢୁଛନ୍ତି।